## କରୋନାରେ ୫ ଅଧ୍ୟାପକ ଆକ୍ରାନ୍ତ

**କଟକ ଅଫିସ:** କଟକ ରାଜାବାଗିଚାସ୍ଥିତ ନେତାଜୀ ସୁଭାଷ ସ୍ମାରକୀ ସିଟି କଲେଜର ୫ ଜଣ ଅଧ୍ୟାପକ କରୋନାରେ ଆକ୍ରାନ୍ତ ହୋଇଥିବା ମଙ୍ଗଳବାର ଜଣାପଡିଛି। ସେମାନଙ୍କର ଚିକିତ୍ସା କରାଯାଉଛି। କଲେଜରେ ଚାଲିଥିବା ନାମଲେଖା ସମୟରେ ସେମାନେ ସଂକ୍ରମିତ ହୋଇଥିବା ସୂଚନା ମିଳିଛି। ସେହିପରି କଲେଜ ପରିସରକୁ ବିଶୋଧନ କରାଯାଉ ନ ଥିବାରୁ ଛାତ୍ରୀଛାତ୍ର ଓ ଅଧ୍ୟାପିକାଅଧ୍ୟାପକ ମଧ୍ୟରେ କରୋନା ସଂକ୍ରମଣ ବୃଦ୍ଧି ପାଇବା ଆଶଙ୍କା ରହିଛି।

# ଆଲବମ୍ ନିର୍ଦ୍ଦେଶକଙ୍କ ସମେତ ୪ ଗିରଫ

- ବେଆଇନ ବନ୍ଧୁକ କାରବାର
- ୩ ବନ୍ଧୁକ, ୧୬ ଗୁଳି ଜବତ



ଗିରଫ ୪ ଅଭିଯୁକ୍ତ। ଜବତ ବନ୍ଧୁକ, ଗୁଳି।

**କଟକ ଅଫିସ,୫।୧୦**

ଦୁର୍ଗାପୂଜା ପୂର୍ବରୁ କମିଶନରେଟ୍ ପୋଲିସ ପକ୍ଷରୁ କ୍ଲିନ୍ କ୍ରାଇମ ଅଭିଯାନ ଆରମ୍ଭ ହୋଇଛି। ବେଆଇନ ବନ୍ଧୁକ କାରବାର ଅଭିଯୋଗରେ ବାଦାମବାଡି ପୋଲିସ ମଙ୍ଗଳବାର ଜଣେ ଆଲବମ୍ ନିର୍ଦ୍ଦେଶକଙ୍କ ସମେତ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କଟକ ସଦର ଥାନା ଅଧୀନ ଝିଙ୍କିରିଆ ଅଞ୍ଚଳର ଜ୍ଞାନରଞ୍ଜନ ସାହୁ ଓରଫ ନବ(୪୦), ବାଦାମବାଡି ଥାନା ଶଙ୍କରପୁର ଡିହସାହିର ପ୍ରକାଶ ରାଉତ ଓରଫ ପପୁ(୩୫), ବଳଭଦ୍ରପୁର ବାଲିସାହି ବାସିନ୍ଦା ତଥା ଆଲବମ୍ ନିର୍ଦ୍ଦେଶକ ପ୍ରମୋଦ ରାଉତ ଓରଫ ଜିତୁ(୪୩) ଓ ଚାଉଳିଆଗଞ୍ଜ ଥାନା ଗଡିରାଉତପାଟଣାର ସୁଶାନ୍ତ ପରିଡା(୪୯)। ସେମାନଙ୍କଠାରୁ ପୋଲିସ ୩ ବନ୍ଧୁକ ସହ ୧୬ଟି ଗୁଳି ଜବତ କରିଛି। ସେମାନଙ୍କ ନାମରେ ବିଭିନ୍ନ ଥାନାରେ ୧୪ଟି ମାମଲା ରହିଥିବା ମଙ୍ଗଳବାର କଟକ ଡିସିପି କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିସିପି ପ୍ରତୀକ୍ ସିଂ ସୂଚନା ଦେଇଛନ୍ତି।

### ଅପରାଧୀଙ୍କୁ ବନ୍ଧୁକ ଯୋଗାଉଥିଲେ

ଏହି ପେସାଦାର ବନ୍ଧୁକ ବେପାରୀମାନେ ଏକ ଗ୍ରୁପ ଗଠନ କରିଥିଲେ। ପରେ ରାଜ୍ୟର ଅପରାଧୀମାନଙ୍କୁ ବନ୍ଧୁକ ଯୋଗାଉଥିଲେ। ଏହି ବନ୍ଧୁକ ନେଇ ଅପରାଧୀମାନେ ବ୍ୟବସାୟୀ, ଠିକାଦାର ଓ ବାଲିଘାଟ ଆଦିରୁ ବଟି ଆଦାୟ କରୁଥିଲେ। ଆଗକୁ ଦୁର୍ଗାପୂଜା ଆସୁଥିବାରୁ ଏହି ବନ୍ଧୁକ ମାଧ୍ୟମରେ ଅପରାଧୀମାନେ ସାଧାରଣରେ ଆତଙ୍କ ସୃଷ୍ଟି କରିଥାନ୍ତେ ବୋଲି ପୋଲିସ କହିଛି।

### ଆଲବମ୍ ନିର୍ଦ୍ଦେଶକରୁ ବନ୍ଧୁକ ବ୍ୟବସାୟୀ

ଅଭିଯୁକ୍ତ ପ୍ରମୋଦ ପୂର୍ବରୁ ଆଲବମ୍ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। କିନ୍ତୁ ଦିନକୁ ଦିନ ଆଲବମ୍‌ର ଚାହିଦା କମିଯିବାରୁ ସେ ଅପରାଧ ଦୁନିଆକୁ ଚାଲିଆସିଥିଲେ। ବନ୍ଧୁକ ରଖିବା ସଉକ ମଧ୍ୟ ତାଙ୍କର ରହିଥିଲା। ଚୋରା ବନ୍ଧୁକ କାରବାରରେ ସେ ଗତ ୬ବର୍ଷ ଧରି ସଂଶ୍ଳିଷ୍ଟ ରହିଥିବା ପୋଲିସ ସୂତ୍ରରୁ ଜଣାପଡିଛି।

ଡିସିପି ସିଂ କହିଛନ୍ତି, ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ନବ ଝାଞ୍ଜିରୀମଙ୍ଗଳା ଗଡ଼ା ନିକଟରେ ବନ୍ଧୁକ ଧରି ବୁଲୁଥିବା ସମ୍ପର୍କରେ ପୋଲିସ ଖବର ପାଇଥିଲା। ପରେ ବାଦାମବାଡି ଥାନା ଏସ୍ଆଇ ଦିଲୀପ ମହାନ୍ତି ଓ ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନବଙ୍କୁ କାବୁ କରିବା ସହ ତାଙ୍କଠାରୁ ଗୋଟିଏ ବନ୍ଧୁକ ଓ ୨ ରାଉଣ୍ଡ ଗୁଳି ଜବତ କରିଥିଲେ। ଅଧିକ ପଚରାଉଚୁରା କରିବାକୁ ସେ ବନ୍ଧୁକଟି ପ୍ରକାଶଙ୍କଠାରୁ କିଣିଥିବା ସ୍ୱୀକାର କରିଥିଲେ। ପ୍ରକାଶ ତାଙ୍କ ସମ୍ପର୍କୀୟ ତାଳଚେରର ଟୁକୁନା ସ୍ୱାଇଁଙ୍କଠାରୁ ଚୋରା ବନ୍ଧୁକ ଆଣି କାରବାର କରିଥାଏ ବୋଲି ଜଣାପଡିଥିଲା। ଟୁକୁନା ପୂର୍ବରୁ ବନ୍ଧୁକ କାରବାର ଘଟଣାରେ ଗିରଫ ହୋଇ ଜେଲ୍‌ରେ ଅଛନ୍ତି। ନବଙ୍କୁ ଜେରା ପରେ ପ୍ରକାଶ, ପ୍ରମୋଦ ଓ ସୁଶାନ୍ତଙ୍କୁ ପୋଲିସ ଗିରଫ କରିଥିଲା। ପ୍ରକାଶଙ୍କଠାରୁ ୧୦ଟି ଗୁଳି, ପ୍ରମୋଦଙ୍କଠାରୁ ଗୋଟିଏ ବନ୍ଧୁକ,୨ ଗୁଳି ଓ ସୁଶାନ୍ତଙ୍କଠାରୁ ଗୋଟିଏ ବନ୍ଧୁକ ଓ ୨ଟି ଗୁଳି ଜବତ କରିଥିଲା। ତେବେ ଅଧିକ ଜେରା ପାଇଁ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଡିସିପି ସିଂ କହିଛନ୍ତି। ଖବରଦାତା ସମ୍ମିଳନୀରେ ବାଦାମବାଡି ଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କନକଦୁର୍ଗା ପୂଜା ପ୍ରସ୍ତୁତି ବୈଠକ

**ଖୁଣ୍ଟୁଣୀ,୫।୧୦(ଡି.ଏନ.ଏ.):** ଖୁଣ୍ଟୁଣୀ ଅଞ୍ଚଳର ଆରାଧ୍ୟା ଦେବୀ ମା’ କନକ ଦୁର୍ଗାଙ୍କ ପୂଜା ପାଇଁ ମଙ୍ଗଳବାର ଅପରାହ୍ନରେ ଦୁର୍ଗାଙ୍କ ପୀଠରେ ଟ୍ରଷ୍ଟ ବୋର୍ଡର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୧ ତାରିଖରେ କଳସୀ ଯାତ୍ରା ଓ ସପ୍ତମୀ ପୂଜା, ୧୨ରେ ଅଷ୍ଟମୀ ପୂଜା, ୧୩ରେ ମହାନବମୀ, ୧୪ରେ ପୀଠେ ବିଶ୍ରାମ ଓ ୧୫ ତାରିଖରେ ଅପରାଜିତା ପୂଜା କରାଯିବ। ଏହି କାର୍ଯ୍ୟକୁ କନକ ଦୁର୍ଗା ଟ୍ରଷ୍ଟ ବୋର୍ଡ ଓ ବାଲୁଙ୍କେଶ୍ୱର ଟ୍ରଷ୍ଟ ବୋର୍ଡର ସଦସ୍ୟମାନେ ମିଳିତ ଭାବେ ସମ୍ପାଦନ କରିବା ପାଇଁ ନିଷ୍ପତ୍ତି ହୋଇଛି। ଟ୍ରଷ୍ଟି ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଟ୍ରଷ୍ଟବୋର୍ଡ ସଦସ୍ୟ ଦିଲୀପ କୁମାର ସେଠ, ବିପିନି ବିହାରୀ ପ୍ରଧାନ, କିଶୋର କୁମାର ସାମନ୍ତରାୟ, ବିଚିତ୍ରାନନ୍ଦ ପ୍ରଧାନ, ବିଜୟ ସାହୁ, ରଜନୀକାନ୍ତ ଜେନା, ଗୋବିନ୍ଦ ଚନ୍ଦ୍ର ବେହେରା ଓ ପ୍ରିୟବ୍ରତ ପାତ୍ର ପ୍ରମୁଖ ମା’ଙ୍କର ଏହି ପୂଜା ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ସାନିଟାଇଜର, ମାସ୍କ ବ୍ୟବହାର ସହ ସାମାଜିକ ଦୂରତା ରଖି ମା’ଙ୍କୁ ବାହାରୁ ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଛି। କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ଗତବର୍ଷ ପରି ଚଳିତବର୍ଷ ମଧ ରାବଣ ପୋଡି ଉତ୍ସବକୁ ବନ୍ଦ ରଖା ଯାଇଥିବା ଟ୍ରଷ୍ଟ ବୋର୍ଡ ସଦସ୍ୟ ସରୋଜ ମିଶ୍ର ସୂଚନା ଦେଇଛନ୍ତି।

### କ୍ୱାରାଣ୍ଟାଇନ ଅବଧି ନପୂରୁଣୁ ସ୍କୁଲ ଆସିଲେ କର୍ମଚାରୀ

**କଣ୍ଟାପଡା,୫।୧୦(ଡି.ଏନ.ଏ.):** କଣ୍ଟାପଡା ବ୍ଲକ ଅନ୍ତର୍ଗତ ସୁନ୍ଦରଗ୍ରାମ ହାଇସ୍କୁଲର କରୋନା ସଂକ୍ରମିତ ଜଣେ କର୍ମଚାରୀଙ୍କ କ୍ୱାରାଣ୍ଟାଇନ ଅବଧି ନ ପୁରୁଣୁ ମଙ୍ଗଳବାର ବିଦ୍ୟାଳୟ କାର୍ଯ୍ୟାଳୟକୁ ଆସିବା ଘଟଣା ଅନ୍ୟ କର୍ମଚାରୀଙ୍କୁ ଆତଙ୍କିତ କରିଛି। ତେବେ ସମ୍ପୃକ୍ତ କର୍ମଚାରୀ ବିଦ୍ୟାଳୟରେ କିଛି ସମୟ ରହିବା ପରେ ଘରକୁ ଫେରିଯାଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ବିଦ୍ୟାଳୟର ୨ଜଣ କର୍ମଚାରୀ କରୋନା ପଜିଟିଭ ଜଣାପଡିଥିଲେ। ପରେ କଣ୍ଟାପଡା ବ୍ଲକ ଶିକ୍ଷାଧିକାରୀ(ବିଇଓ) ପ୍ରତାପ ଚନ୍ଦ୍ର ନାୟକ ଉକ୍ତ ବିଦ୍ୟାଳୟକୁ ସେପ୍ଟେମ୍ବର ୨୯ତାରିଖରୁ ୫ ଦିନପାଇଁ ଛୁଟି ଘୋଷଣା କରିଥିଲେ। କ୍ୱାରାଣ୍ଟାଇନ ଅବଧି ନ ପୂରୁଣୁ ସମ୍ପୃକ୍ତ କର୍ମଚାରୀ ବିଦ୍ୟାଳୟକୁ ଆସିଥିଲେ। ଏ ସମ୍ପର୍କରେ ଖବରପାଇ ବିଇଓ ନାୟକ ସମ୍ପୃକ୍ତ କର୍ମଚାରୀଙ୍କୁ ସେଠାରେ ଅଧିକ ସମୟ ନ ରହିବା ପାଇଁ ତାଗିଦ କରିବା ସହ କାର୍ଯ୍ୟାଳୟକୁ ସାନିଟାଇଜ କରିବାକୁ ପରାମର୍ଶ ଦେଇଥିଲେ।

### ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିନିଧି ମଣ୍ଡଳୀଙ୍କ ବାଙ୍କୀ କଲେଜ ପରିଦର୍ଶନ

**ବାଙ୍କୀ,୫।୧୦(ସ୍ୱ.ପ୍ର):** ଉତ୍କଳ ବିଶ୍ୱବିଦ୍ୟାଳୟ କଲେଜ ଉନ୍ନୟନ ପରିଷଦର ନିର୍ଦ୍ଦେଶକ ପ୍ରଫେସର ଡ.ନିଗମାନନ୍ଦ ଦାସଙ୍କ ନେତୃତ୍ୱରେ ୩ ଜଣିଆ ପ୍ରତିନିଧିମଣ୍ଡଳୀ ମଙ୍ଗଳବାର ବାଙ୍କୀ ସ୍ୱୟଂଶାସିତ କଲେଜ ପରିଦର୍ଶନ କରିଥିଲେ। ଏହି ଟିମ୍‌ରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ମହେଶ୍ୱର ସାହୁ ଓ ପ୍ରଫେସର ଡ. ଜୟନ୍ତୀ ଦୋରା ସାମିଲ ହୋଇଥିଲେ। ମହାବିଦ୍ୟାଳୟର ସ୍ୱୟଂଶାସିତ ମାନ୍ୟତା ବୃଦ୍ଧି କରିବା ନିମନ୍ତେ ଏବଂ କିଛି ବିଭାଗକୁ ସ୍ଥାୟୀ ମାନ୍ୟତା ମିଳିବା ଉଦ୍ଦେଶ୍ୟରେ ସେମାନେ ଏହି ଗସ୍ତ କରିଥିବା ସୂଚନା ମିଳିଛି। ଏହି ଅବସରରେ ପ୍ରତିନିଧିମଣ୍ଡଳୀ ସଦସ୍ୟ କଲେଜର ପରୀକ୍ଷା ନିୟନ୍ତ୍ରଣ କକ୍ଷ, ଶିକ୍ଷା ଓ ଅନ୍ୟାନ୍ୟ ବିଭାଗ ପରିଦର୍ଶନ କରିଥିଲେ। କଲେଜ ଅଧକ୍ଷ ଡ.ଅରୁଣ କୁମାର ବେହେରାଙ୍କ ସହ ଅନ୍ୟମାନେ ପ୍ରତିନିଧିମଣ୍ଡଳୀକୁ କଲେଜର ସମସ୍ତ ତଥ୍ୟ ପ୍ରଦାନ କରିଥିଲେ।

### ଦୁର୍ଘଟଣାଗ୍ରସ୍ତଙ୍କୁ ହସ୍ପିଟାଲ ନେଲେ ବ୍ଲକ ଅଧକ୍ଷ

**ଫୁଲନଖରା,୫।୧୦(ଡି.ଏନ.ଏ.):** କଟକ-ଭୁବନେଶ୍ୱର ଜାତୀୟ ରାଜପଥର ତେଲେଙ୍ଗାପେଣ୍ଠ ବ୍ରିଜ୍ ନିକଟରେ ମଙ୍ଗଳବାର ଅପରାହ୍ନ ୩ଟାରେ ଦୁର୍ଘଟଣାରେ ବାଇକ୍ ଚାଳକ ଭୁବନେଶ୍ୱର ଖାରବେଳନଗର ଥାନା ଅନ୍ତର୍ଗତ ମଧୁସୂଦନ ନଗର ଅଞ୍ଚଳର ଆଇନଜୀବୀ କାର୍ଲିନ ଡାଭିଡ ଗୁରୁତର ହୋଇଛନ୍ତି। ସେ ଭୁବନେଶ୍ୱରରୁ କଟକ ଆସୁଥିବାବେଳେ ହଠାତ୍ ରାସ୍ତାକୁ କୁକୁର ପଶିଆସିବାରୁ ଭାରସାମ୍ୟ ହରାଇ ତଳେ ପଡିଯାଇଥିଲେ। ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ସେ ସଂଜ୍ଞାହୀନ ହୋଇପଡିଥିଲେ। ସେହିବାଟ ଦେଇ ବାରଙ୍ଗ ବ୍ଲକ ଅଧକ୍ଷ ସରୋଜ ସାହୁ ନିଜ କାର୍ଯ୍ୟାଳୟକୁ ଯାଉଥିବାବେଳେ ଦୁର୍ଘଟଣାସ୍ଥଳରେ ଅଟକି ଥିଲେ। ସେ ନିଜ ଗାଡିରେ କାର୍ଲିନଙ୍କୁ ନେଇ ନିକଟସ୍ଥ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ସଦର ଥାନା ପୋଲିସ ଉକ୍ତ ହସ୍ପିଟାଲରେ ପହଞ୍ଚି କାର୍ଲିନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲା।



ବିନା ଥଇଥାନରେ କଟକ ଜଗନ୍ନାଥ ରୋଡ ଅଞ୍ଚଳରୁ ବସ୍ତି ଉଚ୍ଛେଦ ବନ୍ଦ କରିବା ଦାବିରେ ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ମଙ୍ଗଳବାର ସିଏମ୍‌ସି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

## ସିପିଆଇ(ଏମ୍) ଚନ୍ଦକାର ନୂତନ ଆଞ୍ଚଳିକ କମିଟି ଗଠନ

**ବାରଙ୍ଗ,୫।୧୦(ଡି.ଏନ୍.ଏ.)**

ସିପିଆଇ(ଏମ୍) ଚନ୍ଦକା ଆଞ୍ଚଳିକ କମିଟିର ୫ମ ସମ୍ମିଳନୀ ସ୍ଥାନୀୟ ଆମ୍ବ ପଡ଼ିଆ ଗ୍ରାମରେ ଅନୁଷ୍ଠିତ ହୋଇଛି। ସମ୍ମିଳନୀର ପତାକାକୁ ଖୋର୍ଦ୍ଧା ଜିଲା ସମ୍ପାଦକ ଅନନ୍ତ ମଙ୍ଗରାଜ ଉତ୍ତୋଳନ କରିଥିବାବେଳେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସୁରେଶ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ସମ୍ମିଳନୀରେ ରବୀନ୍ଦ୍ର ଟୁଡୁ, ସାଲ ମାର୍ଣ୍ଡି, ଜୟପ୍ରକାଶ ଭଞ୍ଜଦେ, ସୁକାନ୍ତ ସେଠୀ, ହୁଦୁ ସିଂ, ତପନ ଦେହୁରୀ ପ୍ରମୁଖଙ୍କୁ ନେଇ ନୂତନ ଆଞ୍ଚଳିକ କମିଟି ଗଠନ କରାଯାଇଛି। ରବୀନ୍ଦ୍ର ଟୁଡୁ ଆଗାମୀ ୩ବର୍ଷ ପାଇଁ ସମ୍ପାଦକ ଓ ଖୋର୍ଦ୍ଧା ଜିଲା ସମ୍ମିଳନୀକୁ ପ୍ରତିନିଧି ଭାବେ ସାଥୀ ରବୀନ୍ଦ୍ର ଟୁଡୁ, ସାଲ ମାଣ୍ଡି, ଜୟପ୍ରକାଶ ଭଞ୍ଜଦେଓ, ତପନ ଦେହୁରୀ, ସୁକାନ୍ତ ସେଠୀ, ଜାଣୁକା ପୂର୍ତ୍ତି, ହୁଦୁ ସିଂ, ମଣ୍ଟୁ ଆଲ, ରଘୁ ବାନାରା, ମଙ୍ଗୁଳି ଚାତାର, ସାବିତ୍ରୀ ହେମ୍ବ୍ରମ, ସଞ୍ଜୁ କଣ୍ଡାଙ୍କେଲ, ବିଜୟ ସୋରେନ, ନରେନ୍ଦ୍ର ମାର୍ଣ୍ଡି, ପ୍ରଭାତୀ ଦେହୁରୀ, ମଞ୍ଜୁ ହନହାଗା, ଦିବାକର ବଦରା ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ବିକଳ୍ପ ପ୍ରତିନିଧି ଗୋରା ସିଂ, ଅର୍ଜୁନ ଖୁଣ୍ଟିଆ, ବିକିଳି ଦେହୁରୀ, ଅରୁଣ ନାୟକ, ଚାରିମା ହେମ୍ବ୍ରମ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ବିଭିନ୍ନ ସଙ୍କଳ୍ପ ପାରିତ ହୋଇଥିଲା। ଜାଣୁକା ପୂର୍ତ୍ତି, ସୁକାନ୍ତ ସେଠୀ, ସାବିତ୍ରୀ ହେମ୍ବ୍ରମଙ୍କୁ ନେଇ ପରିଚାଳନା କରିଥିଲେ।

# ପୂଜା ମଣ୍ଡପରେ ଲାଗିବ ଲିଚୁ, ହାଲୋଜେନ

### ପୂଜା ପ୍ରସ୍ତୁତି ବୈଠକ

**କଟକ ଅଫିସ,୫।୧୦**

ପୂଜା ମଣ୍ଡପ ଉପରେ ଲାଇଟ୍ ଲଗାଇବା ଏବଂ ଘଣ୍ଟ ବଜାଇବା ପାଇଁ ଅନୁମତି ଦେଇଛନ୍ତି ଡିସିପି ପ୍ରତୀକ୍ ସିଂ । ମଙ୍ଗଳାବାଗ ଥାନା ପକ୍ଷରୁ ଯୋବ୍ରା ନୌବାଣିଜ୍ୟ ସଂଗ୍ରହାଳୟ ପ୍ରେକ୍ଷାଳୟଠାରେ ମଙ୍ଗଳବାର ପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୪ଟି ପୂଜା କମିଟି କର୍ମକର୍ତ୍ତା ଯୋଗଦେଇଥିଲେ। ବୈଠକରେ ଡିସିପି ପୂଜା କମିଟି କର୍ମକର୍ତ୍ତାମାନଙ୍କୁ କଟକଣା ମାନି ପୂଜା କରିବାକୁ ଅନୁରୋଧ କରିଥିଲେ। ଏଥିସହ ପୂଜା ମଣ୍ଡପରେ କିଛି ଲିଚୁ ଓ ୨ଟି ହାଲୋଜେନ ଲାଇଟ୍ ଲଗାଇବାକୁ ଅନୁମତି ଦେଇଥିଲେ। ଦେବୀଗଡାରେ ଦୁଇଦିନ ବିସର୍ଜନ କରିବା ପାଇଁ ସରକାରଙ୍କୁ ଅବଗତ କରାଯାଇଛି। ଏ ସମ୍ପର୍କରେ ନିଷ୍ପତ୍ତି ଉତ୍ତର ଆସିଲେ ଆଗାମୀ ପଦକ୍ଷେପ ନିଆଯିବ ବୋଲି ମଙ୍ଗଳାବାଗ ଥାନାଧିକାରୀ ଅମିତାଭ ମହାପାତ୍ର କହିଛନ୍ତି । ପୂଜାରେ ଗୋଟିଏ ଘଣ୍ଟ ବଜାଇବାକୁ ଅନୁମତି ମିଳିଛି ବୋଲି ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ କହିଛନ୍ତି। ଏହି ବୈଠକରେ ଅତିରିକ୍ତ ଡିସିପି ଏସ୍‌କେ. ସରିଫଉଦ୍ଦିନ, ମହାନଗର ଶାନ୍ତି କମିଟି ସମ୍ପାଦକ ଭିକାରୀ ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ ସାହୁ ଓ ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଜବରଦଖଲ ଉଚ୍ଛେଦ

**କଟକ ଅଫିସ,୫।୧୦**

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଜବରଦଖଲ ଉଚ୍ଛେଦ ଜାରି ରହିଛି। ଏହି କ୍ରମରେ ମଙ୍ଗଳବାର ସିଡିଏ ସେକ୍ଟର-୭ ସ୍ଥିତ ଅଟୋଷ୍ଟାଣ୍ଡ ନିକଟରେ ଜବର ଦଖଲରେ ଥିବା ଦୋକାନଗୁଡିକୁ ଉଚ୍ଛେଦ କରାଯାଇଛି। ଉଚ୍ଛେଦବେଳେ ସିଏମ୍‌ସି ଡେପୁଟି କମିଶନର ଅବିନାଶ ରାଉତ, ଏସିପି ତାପସ ପ୍ରଧାନ ଓ ଆଇଆଇସି ବିଘ୍ନୁଟି ମହାନ୍ତି ପ୍ରମୁଖ ଉପସ୍ଥିତଥିଲେ।

# ଓଡ଼ିଆ ଭାଷାର ସମ୍ମାନ ପାଇଁ ବ୍ୟାପକ ହେବ ଆନ୍ଦୋଳନ

**କଟକ ଅଫିସ,୫।୧୦**

ଝାଡ଼ଖଣ୍ଡ ଓ ଆନ୍ଧ୍ର ସୀମାନ୍ତ ଅଞ୍ଚଳରେ ସରକାରୀ ଶିକ୍ଷା ବ୍ୟବସ୍ଥାରୁ ଓଡ଼ିଆ ଭାଷା ଉଚ୍ଛେଦ ହେଉଥିବାରୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଓଡ଼ିଆ ଗବେଷକ ଓ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ପ୍ରତିବାଦ କରାଯାଇଛି । ମଙ୍ଗଳବାର କଟକ କଲେଜ ଛକସ୍ଥିତ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ସାଧାରଣ ସଭା ସହ ଦସ୍ତଖତ ଅଭିଯାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ତ୍ରିଲୋଚନ ଜେନା ଯୋଗଦେଇ କହିଛନ୍ତି, ସରକାର ଯଦି ପଡୋଶୀ ଝାଡ଼ଖଣ୍ଡ ଓ ଆନ୍ଧ୍ରପ୍ରଦେଶ ସରକାରଙ୍କ ସହ ଏ ସମ୍ପର୍କରେ ଆଲୋଚନା ନ କରନ୍ତି ତେବେ ଓଡ଼ିଆ ଭାଷାର ସମ୍ମାନ ରକ୍ଷା ପାଇଁ ଆନ୍ଦୋଳନ ଆଗକୁ ଆହୁରି ବ୍ୟାପକ କରାଯିବ। ଏହି କାର୍ଯ୍ୟକ୍ରମରେ ବଳଦେବ ପତି, ସୁଶାନ୍ତ କୁମାର ସାମଲ, ସନ୍ତୋଷ ଭୋଇ, ଶଙ୍ଖଚୂଳ ଦାସ, ହୃଷୀକେଶ ମହାରଣା, ସୁବାସ ଚନ୍ଦ୍ର ଭୋଇ, ସବ୍ୟସାଚୀ ସାହୁ, ସମର୍ପିତା ପଣ୍ଡା, ସୁଶୋଭିତା ବଳିଆରସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ମଞ୍ଜୁ


@ ସୀମା


@ ସୂର୍ଯ୍ୟପ୍ରସାଦ


@ ସୁଜାତା


@ ଶିବ


@ ଆଶୀର୍ବାଦ

# ଆନ୍ଦୋଳନରତ ଚାଷୀଙ୍କ ମୃତ୍ୟୁ ପ୍ରତିବାଦରେ ବିକ୍ଷୋଭ

**କଟକ ଅଫିସ, ୫।୧୦**



ଏସ୍‌ୟୁସିଆଇ(ସି) ପକ୍ଷରୁ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

ଉତ୍ତରପ୍ରଦେଶ ଲଖିମପୁର ଖେରୀ ଜିଲାର ଟିକୁନିଆ ଅଞ୍ଚଳରେ ଆନ୍ଦୋଳନରତ ଚାଷୀଙ୍କ ମୃତ୍ୟୁ ପ୍ରତିବାଦରେ ଏସ୍‌ୟୁସିଆଇ(ସି) ପକ୍ଷରୁ ମଙ୍ଗଳବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାପରେ ସଙ୍ଗଠନ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ଦିଆଯାଇଥିଲା। ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି, କୃଷି ଆଇନକୁ ବିରୋଧ କରି ପ୍ରାୟ ୧୦ ମାସ ଧରି ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ଖେରି ଜିଲାର ଟିକୁନିଆକୁ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ଗସ୍ତକୁ ବିରୋଧ କରି ଚାଷୀମାନେ ସେଠାରେ ବିକ୍ଷୋଭ ଚଳାଇଥିଲେ। ଏହି ସମୟରେ ମନ୍ତ୍ରୀ ଅଜୟଙ୍କ ପୁଅ ଆଶିଷ ମିଶ୍ରାଙ୍କ ଗାଡ଼ି ସମେତ ୩ଟି ଏସ୍‌ୟୁଭି ଚାଷୀଙ୍କ ଉପରେ ମାଡ଼ିଯିବା ଏବଂ ତତ୍‌ପରବର୍ତ୍ତୀ ହିଂସାକାଣ୍ଡରେ ୪ ଚାଷୀଙ୍କ ସମେତ ୮ଜଣଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କୁ ପଦରୁ ବରଖାସ୍ତ ଏବଂ ତାଙ୍କ ବିରୋଧରେ ମାମଲା ରୁଜୁ କରିବା, ଆଶିଷ ଓ ତାଙ୍କ ସହଯୋଗୀମାନଙ୍କ ବିରୋଧରେ ୩୦୨ (ହତ୍ୟା) ଦଫା ଲାଗୁ କରି ଗିରଫ କରିବା, ସୁପ୍ରିମ୍‌କୋର୍ଟଙ୍କ ତତ୍ତ୍ୱାବଧାନରେ ଏସ୍ଆଇଟି ଦ୍ୱାରା ତଦନ୍ତ କରିବା ଓ ମୃତ ଚାଷୀମାନଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ସହ ଆହତମାନଙ୍କ ଚିକିତ୍ସା ସରକାରୀ ଖର୍ଚ୍ଚରେ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ଏସ୍‌ୟୁସିଆଇ(ସି) ଜିଲା ସମ୍ପାଦକ ବିଶ୍ୱାବସୁ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ଏସ୍‌ୟୁସିଆଇ(ସି) ଜିଲା କମିଟି ସଦସ୍ୟ ଖଗେଶ୍ୱର ସେଠୀ, ବସନ୍ତ ନାୟକ, ରାଜକିଶୋର ମଲ୍ଲିକ, ସିଦ୍ଧାର୍ଥ ରଥ, ସସ୍ମିତା ମହାନ୍ତି, ଦୀପକ ଦାସ, ଭାଗ୍ୟରବି ଦାସ, ବିନୋଦ ସେଠୀ, ତରୁଣସେନ ନାୟକ, ସଙ୍ଗଠକ ପାଭେଲ ପ୍ରିୟଦର୍ଶନ ପ୍ରମୁଖ ସାମିଲ ହୋଇଥିଲେ।

## ପ୍ରିୟଙ୍କାଙ୍କୁ ଗିରଫ ପ୍ରତିବାଦରେ ଧାରଣା

**କଟକ ଅଫିସ, ୫।୧୦**

ଉତ୍ତରପ୍ରଦେଶର ଟିକୁନିଆ ଅଞ୍ଚଳରେ ରବିବାର ଚାଷୀ ଆନ୍ଦୋଳନ ସମୟରେ ୪ ଜଣ ଚାଷୀଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ପରିବାରକୁ ସମବେଦନା ଜଣାଇବା ପାଇଁ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଯାଉଥିବାବେଳେ ତାଙ୍କୁ ଗିରଫ କରାଯାଇଛି। ଏହାର ପ୍ରତିବାଦରେ କଟକ ଜିଲା କଂଗ୍ରେସ କମିଟି ଓ କଟକ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ସ୍ୱରାଜ ଆଶ୍ରମ ସମ୍ମୁଖରେ ମଙ୍ଗଳବାର ଧାରଣା ଦିଆଯାଇଥିଲା। ତୁରନ୍ତ ପ୍ରିୟଙ୍କାଙ୍କୁ ମୁକ୍ତ କରିବା ସହ ପ୍ରାଣ ହରାଇଥିବା କୃଷକଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଦାବି କରାଯାଇଛି। କଟକ ଜିଲା କଂଗ୍ରେସ ସଭାପତି ମାନସ ଚୌଧୁରୀଙ୍କ ପରାମର୍ଶକ୍ରମେ ଡ. ବିପ୍ଳବ ଶିଳାଦିତ୍ୟଙ୍କ ନେତୃତ୍ୱରେ ଅନୁଷ୍ଠିତ ଧାରଣାରେ ମନୋଜ ବିଶ୍ୱାଳ, ଶିଶିର କୁମାର ରଥ, ନିର୍ମଳ ସ୍ୱାଇଁ, କଟକ ଜିଲା ଛାତ୍ର କଂଗ୍ରେସ ସଭାପତି ଦୀପକ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପ୍ରିୟଙ୍କାଙ୍କ ଗିରଫ ପ୍ରତିବାଦରେ ଚୌଦ୍ୱାର-କଟକ ଯୁବ କଂଗ୍ରେସ ପକ୍ଷରୁ ଜଗତ୍‌ପୁର ଗୋଲେଇ ଛକଠାରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ଦଳୀୟ କର୍ମୀମାନେ ପ୍ରଧାନମନ୍ତ୍ରୀ ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ପିସିସି ସଭ୍ୟ ମାନସ ପରିଡା, ସୁରଜିତ ସାହୁ, ଅଲେଖ ଚନ୍ଦ୍ର ବେହେରା, ରଶ୍ମିକାନ୍ତ ସାମଲ, ଜେ. କାମେଶ୍ୱର ରାଓ, ଲଳିତ ଭୂୟାଁ, ବ୍ଲକ କଂଗ୍ରେସ ଉପସଭାପତି ଜୟ ନାରାୟଣ ତ୍ରିପାଠୀ, ଲଳିତ ପରିଡା, ଚୌଦ୍ୱାର-କଟକ ଯୁବ କଂଗ୍ରେସ ଉପସଭାପତି ବିଶ୍ୱଜିତ୍ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୬ ଅକ୍ଟୋବର, ୨୦୨୧

## ଟ୍ରକ୍ ଚାଳକଙ୍କୁ ଆକ୍ରମଣ କରି ଲୁଟ

ଆଠଗଡ଼,(ସ୍ୱ.ପ୍ର.): ଆଠଗଡ଼ ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଜଣେ ଟ୍ରକ ଚାଳକଙ୍କୁ ମଙ୍ଗଳବାର ଆକ୍ରମଣ କରି ୪୦ହଜାର ଟଙ୍କା, ମୋବାଇଲ ଓ ଗାଡ଼ି ଚାବି ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଚାଳକ ଜଣକ ହେଲେ ଚୌଦ୍ୱାର ଥାନା ଅନ୍ତର୍ଗତ ବାଣିପଦା ଗ୍ରାମର ରିଙ୍କୁ ବାରିକ। ସେ ଢେଙ୍କାନାଳ ଜିଲାର ଭାପୁରଠାରୁ ଚିପ୍ସ ବୋଝେଇ କରି କଟକ ଯାଉଥିଲେ। ଖବର ପାଇ ଓଡ଼ିଶା ଡ୍ରାଇଭର ମହାସଂଘ ଆଠଗଡ଼ ଶାଖା ସଭାପତି ଦିଲୀପ କୁମାର ଧଳ ସାମନ୍ତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଆଠଗଡ଼ ଥାନାରେ ଅଭିଯୋଗ କରିବା ସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ପାଇଁ ଦାବି କରିଛନ୍ତି।



## ସଂକ୍ଷେପରେ

### ଦୁର୍ଘଟଣାରେ ଜଳ ସମ୍ପଦ ବିଭାଗ କର୍ମଚାରୀଙ୍କ ମୃତ୍ୟୁ

**ନିଶ୍ଚିନ୍ତକୋଇଲି,୫।୧୦(ସ୍ୱ.ପ୍ର.):** ସୋମବାର ରାତିରେ ଏକ ସଡ଼କ ଦୁର୍ଘଟଣାରେ ନିଶ୍ଚିନ୍ତକୋଇଲି ବ୍ଲକ ନରେନ୍ଦ୍ରପୁର ଜଳ ସମ୍ପଦ ବିଭାଗ କର୍ମଚାରୀ କିଶୋରଚନ୍ଦ୍ର ବିଶୋଇ(୫୦)ଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦାଉଦପୁର ପଞ୍ଚାୟତ ନାହାଳପୁର ଗ୍ରାମର ଅଭିରାମ ବିଶୋଇଙ୍କ ପୁଅ। ଅଫିସ କାମ ସାରି ରାତିରେ ଘରକୁ ବାଇକ୍‌ରେ ଫେରୁଥିବା ବେଳେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଅଲ୍ ଓଡ଼ିଶା ଓମ୍‌ଫେଡ୍ ଅଫିସର୍ସ (ଅବସରପ୍ରାପ୍ତ) ଆସୋସିଏଶନ ଗଠିତ

**ଭୁବନେଶ୍ୱର, ୫।୧୦:** ଓମ୍‌ଫେଡ୍‌ର ଅବସରପ୍ରାପ୍ତ ଅଫିସରମାନଙ୍କୁ ନେଇ ଅଲ୍ ଓଡ଼ିଶା ଓମ୍‌ଫେଡ ଅଫିସର୍ସ (ଅବସରପ୍ରାପ୍ତ) ଆସୋସିଏଶନ ଗଠିତ ହୋଇଛି। ଏଥିରେ ସୁରେଶ ଚନ୍ଦ୍ର କର ସଭାପତି, ଜ୍ଞାନଚାନ୍ଦ ଦାସ ପଟ୍ଟନାୟକ କାର୍ଯ୍ୟକାରୀ ସଭାପତି, ଧୀରେନ୍ଦ୍ର କୁମାର ଦାସ ଉପସଭାପତି, ବୀରେନ କୁମାର ପଟ୍ଟନାୟକ ସାଧାରଣ ସମ୍ପାଦକ, ସୁବାସ ଚନ୍ଦ୍ର ତ୍ରିପାଠୀ ସହ ସମ୍ପାଦକ ଏବଂ ପ୍ରଶାନ୍ତ କୁମାର ମହାନ୍ତି ସଙ୍ଗଠନ ସମ୍ପାଦକ ତଥା କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ସେହିପରି ଗଣେଶ ଚନ୍ଦ୍ର ସାମଲ, ବିନୋଦ କୁମାର ତ୍ରିପାଠୀ, ମୁକ୍ତିକାନ୍ତ ମହାପାତ୍ର ଓ ଜ୍ଞାନବ୍ରତ ମହାନ୍ତି କାର୍ଯ୍ୟକାରୀ କମିଟି ସଦସ୍ୟ ରହିଛନ୍ତି। ଓମଫେଡ୍‌ର ମୁଖ୍ୟ କାର୍ଯ୍ୟାଳୟ, ଶାଖା କାର୍ଯ୍ୟାଳୟ ଏବଂ ଜିଲା ଦୁଗ୍ଧ ସଂଘର ଅବସରପ୍ରାପ୍ତ କର୍ମଚାରୀଙ୍କ ସ୍ୱାର୍ଥ ତଥା ଦୁଗ୍ଧ ମହାସଂଘର ଉନ୍ନତି ପାଇଁ ଆସୋସିଏଶନ କାର୍ଯ୍ୟ କରିବ ବୋଲି କୁହାଯାଇଛି।

### ସୂଚନା ଅଧିକାର ଆଇନ ସମ୍ପର୍କିତ ସଚେତନତା

**ବାଙ୍କୀ,୫।୧୦(ସ୍ୱ.ପ୍ର):** ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା) ପକ୍ଷରୁ ୫ଦିନ ବ୍ୟାପୀ କଟକ ଜିଲାର ବିଭିନ୍ନ ବ୍ଲକରେ ସୂଚନା ଅଧିକାର ଆଇନ ଓ ତାହାର ପ୍ରୟୋଗ ସମ୍ପର୍କରେ ସଚେତନତା କରାଯାଉଛି। ଏହି ଅବସରରେ ସଂଗଠନର କଟକ ଜିଲା ପକ୍ଷରୁ ଜିତେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ବାଙ୍କୀ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ସାମାଜିକ କର୍ମୀ ନଳିନୀ କୁମାର ରାୟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସମରେନ୍ଦ୍ର ମହାପାତ୍ର, ଅନାମ ଲେଙ୍କା, ଜ୍ୟୋର୍ତିପ୍ରକାଶ ସାହୁ, ସନ୍ତୋଷ ରଣା ଓ ବିଶ୍ୱ ରଞ୍ଜନ ପଣ୍ଡା ଯୋଗଦେଇଥିଲେ।

### ଡାକ୍ତର ବୈଜ୍ଞାନିକ କାର୍ଯ୍ୟକ୍ରମ ପାଇଁ ଆଇଆଇଏସ୍-ଏମ୍ସ ଚୁକ୍ତି

**ଭୁବନେଶ୍ୱର,୫।୧୦(ବ୍ୟୁରୋ):** ଡାକ୍ତର ବୈଜ୍ଞାନିକ କାର୍ଯ୍ୟକ୍ରମ(ଫିଜିସିଆନ୍ ସାଇଣ୍ଟିଷ୍ଟ ପ୍ରୋଗ୍ରାମ)ର ବିକାଶ ପାଇଁ ଭୁବନେଶ୍ୱର ଏମ୍ସ ଓ ବେଙ୍ଗାଲୁରୁସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ(ଆଇଆଇଏସ୍) ମଧ୍ୟରେ ମଙ୍ଗଳବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏମ୍ସ ନିର୍ଦ୍ଦେଶିକା ଡା. ଗୀତାଞ୍ଜଳି ବାଟମାନବେନ ଓ ଆଇଆଇଏସ୍ ରେଜିଷ୍ଟ୍ରାର ଶ୍ରୀଧର ୱାରିଅର ଭର୍ଚୁଆଲରେ ଏହି ଚୁକ୍ତି ସ୍ୱାକ୍ଷରିତ କରିଥିଲେ। ଏଥିରେ ଆଇଆଇଏସ୍‌ର ନିର୍ଦ୍ଦେଶ ଡ. ଗୋବିନ୍ଦନ ରଙ୍ଗରାଜନ ଓ ଏମ୍ସର ରିସର୍ଚ୍ଚ ଡିନ୍ ଡା. ବିନୋଦ ପାତ୍ର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦୁଇଟି ଶିକ୍ଷାନୁଷ୍ଠାନ ମଧ୍ୟରେ ଫାକଲ୍‌ଟି, ଛାତ୍ରୀଛାତ୍ର ଅଦଳବଦଳ କାର୍ଯ୍ୟକ୍ରମ, ମିଳିତ ଭାବେ ଗବେଷଣା ମଧ୍ୟ ହେବ।

### ଆନ୍ଧ୍ରର ଅନଧିକାର ପ୍ରବେଶକୁ ଉତ୍କଳ ସମ୍ମିଳନୀର ନିନ୍ଦା

**ଭୁବନେଶ୍ୱର, ୫।୧୦ (ବ୍ୟୁରୋ):** ଦୀର୍ଘ ଦିନ ଧରି କୋରାପୁଟ ଜିଲାର ପଟାଙ୍ଗି ବ୍ଲକ୍‌ସ୍ଥ କୋଟିଆର ୨୧ଟି ଗ୍ରାମ ତଥା ଗଜପତି ଜିଲାର ରାୟଗଡା ବ୍ଲକ ଗଙ୍ଗାବାଡ଼ ପଞ୍ଚାୟତ ଅନ୍ତର୍ଗତ ମାଣିକ ପାଟଣାରେ ଆନ୍ଧ୍ର ସରକାରଙ୍କ ଦ୍ୱାରା ଅନଧିକାରୀ ପ୍ରବେଶ କରାଯାଉଛି। ସେଠାରେ ବେଆଇନ ନିର୍ମାଣ କରିବା ସହ ଓଡ଼ିଶାର ଅଫିସରଙ୍କୁ ଗାଳି ଗୁଲଜ କରାଯାଉଛି। ଏହା ଦେଶର ସାର୍ବଭୌମତ୍ୱ, ସଂଘୀୟ ବ୍ୟବସ୍ଥା ତଥା ସମ୍ବିଧାନ ପ୍ରତି କୁଠାରଘାତ ବୋଲି ଉତ୍କଳ ସମ୍ମିଳନୀ ପକ୍ଷରୁ କୁହାଯାଇଛି। ମଙ୍ଗଳବାର ଲୋହିଆ ଏକାଡେମୀଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ଅନନ୍ତ ପ୍ରସାଦ ଜେନା ଆନ୍ଧ୍ରର ଏଭଳି କାର୍ଯ୍ୟକୁ ଦୃଢ ଭାବେ ନିନ୍ଦା କରିଛନ୍ତି।

# ରାଜଧାନୀରେ ବଜ୍ରକାପ୍ତା ର୍‌ୟାକେଟ, ପାର୍କରେ ଡିଲ୍

**ଭୁବନେଶ୍ୱର, ୫।୧୦(ବ୍ୟୁରୋ)**

ରାଜଧାନୀରେ ବଜ୍ରକାପ୍ତା କାତି ର୍‌ୟାକେଟ। ପାର୍କରେ ହେଲା ଡିଲ୍। ଶେଷରେ ର୍‌ୟାକେଟରେ ସମ୍ପୃକ୍ତ ଦୁଇଜଣଙ୍କୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଓ ୱାଇଲ୍ଡଲାଇଫ୍ କ୍ରାଇମ କଣ୍ଟ୍ରୋଲ ବ୍ୟୁରୋ(ଡବ୍ଲ୍ୟୁସିସିବି) ଗିରଫ କରିବା ସହ ସେମାନଙ୍କଠାରୁ ୨କେଜିରୁ ଊର୍ଦ୍ଧ୍ୱ କାତି ଜବତ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ବାଲିପାଟଣା ଅଞ୍ଚଳର ସୁକାନ୍ତ କୁମାର ମୁଦୁଲି ଓ ପିପିଲି ଅଞ୍ଚଳର ପ୍ରସନ୍ନ ରାୟ। ଏନେଇ ଅଧିକ ତଦନ୍ତ ଚାଲିଥିବା ଜଣେ ଅଧିକାରୀ କହିଛନ୍ତି।

ତାଙ୍କ ସୂଚନାନୁସାରେ, ଭୁବନେଶ୍ୱରରେ ବଜ୍ରକାପ୍ତା ର୍‌ୟାକେଟ ନେଇ ଖବର ମିଳିବା ପରେ ଡବ୍ଲ୍ୟୁସିସିବିର ଜଣେ ଅଧିକାରୀ ଗ୍ରାହକ ହୋଇ ପ୍ରଥମେ ସୁକାନ୍ତଙ୍କ ସହ ଯୋଗାଯୋଗ କରିଥିଲେ। ସୁକାନ୍ତ କାରବାରର ତରିକା ଜଣାଇ କେତେକ ସର୍ତ୍ତ ରଖିଥିଲେ। ପ୍ରଥମେ ୧୫ କାତିକୁ ୮୦ହଜାର ଟଙ୍କା ଦେଇ କିଣିବା ପରେ ଅଧିକ କାତି କିଣିବାକୁ କହିଥିଲେ। ଏପରିକି କଥାବାର୍ତ୍ତାବେଳେ ଅନ୍ୟଜଣଙ୍କ ପାଖରେ ୨ କେଜି କାତି ଥିବା ମଧ୍ୟ ସେ ଜଣାଇଥିଲେ। ଏଥିରେ ଅଧିକାରୀ ଜଣକ ରାଜି ହେବା ପରେ ସୁକାନ୍ତ ଇନ୍ଦିରା ଗାନ୍ଧୀ ପାର୍କକୁ ଡାକିଥିଲେ। ଏହାପରେ ଏସ୍‌ଟିଏଫ୍ ସହ ଯୋଗାଯୋଗ କରାଯାଇ ସେଠାରେ ଚଢ଼ାଉ ଯୋଜନା ହୋଇଥିଲା। ମଙ୍ଗଳବାର ସୁକାନ୍ତ ଇନ୍ଦିରା ଗାନ୍ଧୀ ପାର୍କରେ ୧୫ କାତି ଧରି ଅପେକ୍ଷା କରିଥିଲେ। ଏହି ସମୟରେ ମିଳିତ ଟିମ୍ ସେଠାରେ ଚଢ଼ାଉ କରି ତାଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୧୫ ବଜ୍ରକାପ୍ତା କାତି ଜବତ କରିଥିଲା। ପରେ ସୁକାନ୍ତଙ୍କୁ ଧରି ଟିମ୍ ର୍‌ୟାକେଟର ମାଷ୍ଟରମାଇଣ୍ଡ୍ ପ୍ରସନ୍ନଙ୍କୁ ପିପିଲି ଟୋଲ ଗେଟ୍ ନିକଟ ଜଇସିପାଟଣା ଛକରୁ ଧରିଥିଲା। ତାଙ୍କଠାରୁ ୨ କେଜିରୁ ଊର୍ଦ୍ଧ୍ୱ କାତି ଜବତ କରାଯାଇଥିଲା। ୨ ଅଭିଯୁକ୍ତଙ୍କ ପାଖରୁ ୨ଟି ବାଇକ୍ ଓ ୨ଟି ମୋବାଇଲ ଫୋନ ମଧ୍ୟ ଜବତ କରାଯାଇଛି। ଉଭୟଙ୍କୁ ଭୁବନେଶ୍ୱର ଅଣାଯାଇ ପଚରାଉଚରା କରାଯାଉଥିବାବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ଜଣାପଡିଛି। ଏହି ଅପରେଶନରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଟିମ୍ ସହିତ ଡବ୍ଲ୍ୟୁସିସିବିର ଏକ ଦୁଇ ଜଣିଆ ଟିମ୍, ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ମଧ୍ୟ ସାମିଲ ଥିଲେ। ତେବେ ଏସ୍‌ଟିଏଫ୍ ଏହି ମାମଲାକୁ ନଗର ବନଖଣ୍ଡକୁ ହସ୍ତାନ୍ତର କରିଥିବାବେଳେ ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି।

### ୨ କେଜିରୁ ଊର୍ଦ୍ଧ୍ୱ କାତି ଜବତ, ୨ ଗିରଫ





# ବିରୋଧ ପରେ ଗାଇଡ୍‌ଲାଇନ ବଦଳାଇଲା ବିଏମ୍‌ସି

**ଭୁବନେଶ୍ୱର, ୫।୧୦(ବ୍ୟୁରୋ)**

- କ୍ୟାଟରିଂ ସଂଘର ଧାରଣା, ବିକ୍ଷୋଭ
- ଏଣିକି ଅକ୍ଟୋବର ୩୧ ପର୍ଯ୍ୟନ୍ତ କଟକଣା

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଜାରି ଶୀତକାଳୀନ କୋଭିଡ୍ ଗାଇଡ୍‌ଲାଇନ୍‌କୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାକୁ ବିରୋଧ କରି ମଙ୍ଗଳବାର ଟେଣ୍ଟ, ଫୁଲ, ଲାଇଟ୍ ଆଣ୍ଡ ସାଉଣ୍ଡ ଏବଂ କ୍ୟାଟିରିଂ ସଂଘ ରାସ୍ତାକୁ ଓହ୍ଲାଇବା ପରେ ବିଏମ୍‌ସି ଗାଇଡ୍‌ଲାଇନ୍‌କୁ ବଦଳାଇଛି। ଅନିର୍ଦ୍ଦିଷ୍ଟ କାଳ ବଦଳରେ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ବିଏମ୍‌ସି କହିଛି।

କରୋନା ସଂକ୍ରମଣ ଏଡାଇବା ପାଇଁ ମଙ୍ଗଳବାର ବିଏମ୍‌ସି ନୂଆ ଗାଇଡ୍‌ଲାଇନ୍ ଜାରି କରିଥିଲା। ଏଥିରେ ବିବାହ, ବ୍ରତ ଓ ଶୁଦ୍ଧିକ୍ରିୟା ଆଦି କାର୍ଯ୍ୟକ୍ରମରେ ସର୍ବାଧିକ ୫୦ଜଣ ଲୋକଙ୍କୁ ଅନୁମତି ଦିଆଯାଇଥିବାବେଳେ କାର୍ଯ୍ୟକ୍ରମକୁ କରୋନା ଲକ୍ଷଣ ଥିବା ବ୍ୟକ୍ତିଙ୍କୁ ମଣ୍ଡପ, ହୋଟେଲ ଆଦିକୁ ପ୍ରବେଶକୁ ବାରଣ ସହ ଅନ୍ୟ କେତେକ କଟକଣା ଲାଗୁ କରାଯାଇଥିଲା। ଉଲ୍ଲଂଘନକାରୀ, ମଣ୍ଡପ, ହୋଟେଲ ବା ସମ୍ପୃକ୍ତ କାର୍ଯ୍ୟକର୍ତ୍ତାଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ହେବ ବୋଲି ବିଏମ୍‌ସି ଉଲ୍ଲେଖ କରିଥିଲା। ଏହାକୁ ବିରୋଧ କରି ଟେଣ୍ଟ, ଫୁଲ, ଲାଇଟ୍ ଆଣ୍ଡ ସାଉଣ୍ଡ ଏବଂ କ୍ୟାଟିରିଂ ସଂଘ ବିଏମ୍‌ସି ଅଫିସ ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ସଂଘ ଅଭିଯୋଗ କରିଥିଲା ଯେ, ରାଜ୍ୟରେ କରୋନା ସଂକ୍ରମଣ ହ୍ରାସ ପାଉଥିବାରୁ ଜୀବନ ଜୀବିକାକୁ ଗୁରୁତ୍ୱ ଦେଇ ଅନଲକ୍ କରାଯାଇଛି। ସେହିପରି ବିବାହ, ବ୍ରତ ଆଦି ସାମାଜିକ କାର୍ଯ୍ୟକ୍ରମରେ ୨୫୦ ଲୋକଙ୍କୁ ଅନୁମତି ରହିଛି। ମାତ୍ର ସରକାରଙ୍କ ଏହି ନିୟମକୁ ବିଏମ୍‌ସି କର୍ତ୍ତୃପକ୍ଷ ବେଖାତିର କରି ଏହି ସଂଖ୍ୟା ୫୦କୁ ହ୍ରାସ କରିଛି। ଏହା ଟେଣ୍ଟ, ଫୁଲ, ଲାଇଟ୍ ଆଣ୍ଡ ସାଉଣ୍ଡ ଏବଂ କ୍ୟାଟିରିଂକୁ ଜୀବିକା ଭାବେ ଗ୍ରହଣ କରିଥିବା ବ୍ୟକ୍ତିଙ୍କ ଉପରେ ଗଭୀର ପ୍ରଭାବ ପକାଇବ। ସଂକ୍ରମଣ ନାମରେ ଲୋକମାନଙ୍କ ଜୀବିକା ବନ୍ଦ କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ନିର୍ବାଚନ ସମୟରେ କୌଣସି କଟକଣା କରାଯାଉ ନାହିଁ। ମଲ, ପବ୍, ହୋଟେଲ ଆଦିରେ ହଜାର ହଜାର ଲୋକ ଏକାଠି ହେଉଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନାହିଁ। କେବଳ ବାହାଘର, ବ୍ରତଘରେ ଯୋଗଦେଲେ, ଭୋଜି ଖାଇଲେ କରୋନା ହୋଇ ଯାଉଛି। ଯଦି ଚାହୁଁଛ ତେବେ ସବୁ ବନ୍ଦ କର ବୋଲି ସଂଘ ପକ୍ଷରୁ କୁହାଯାଇଛି। ଦୀର୍ଘ ସମୟ ଧରି ବିକ୍ଷୋଭ ସହ ରାସ୍ତା ଅବରୋଧ ହେବାରୁ ସାଧାରଣ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ପରେ ବିଏମ୍‌ସି କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା ପରେ ସଂଘ ଧାରଣାରୁ ଉଠିଥିଲା। ସନ୍ଧ୍ୟାରେ ସଂଘ କର୍ମକର୍ତ୍ତାଙ୍କ ସହିତ ବିଏମ୍‌ସି କମିଶନର ସଞ୍ଜୟ କୁମାର ସିଂହ ଆଲୋଚନା କରିବା ସହ ଗାଇଡ୍‌ଲାଇନ୍‌ରେ କେତେକ ପରିବର୍ତ୍ତନ ଆଣିଥବଲେ।



ବିଏମ୍‌ସିର ନୂଆ କୋଭିଡ୍ ଗାଇଡ୍‌ଲାଇନ୍‌କୁ ବିରୋଧ କରି ମଙ୍ଗଳବାର ଟେଣ୍ଟ, ଫୁଲ, ଲାଇଟ୍ ଆଣ୍ଡ ସାଉଣ୍ଡ ଏବଂ କ୍ୟାଟିରିଂ ସଂଘର ଧାରଣା।

# ଶହୀଦ ବନ କର୍ମଚାରୀଙ୍କ ସ୍ମୃତିରେ ସ୍ମାରକ ସ୍ତମ୍ଭ

**ଭୁବନେଶ୍ୱର, ୫।୧୦(ବ୍ୟୁରୋ)**

ଶହୀଦ ହୋଇଥିବା ବନ କର୍ମଚାରୀଙ୍କ ସ୍ମୃତିରେ ଖୁବ୍‌ଶୀଘ୍ର ଏକ ସ୍ମାରକ ସ୍ତମ୍ଭ ସ୍ଥାପନ ହେବ। ଭୁବନେଶ୍ୱରସ୍ଥିତ ରିଜିଓନାଲ ପ୍ଲାଣ୍ଟ ରିସୋର୍ସ ସେଣ୍ଟର (ଆର୍‌ପିଆର୍‌ସି) ପରିସର ଏକାମ୍ର କାନନ ଗୋଲାପ ବଗିଚାରେ ଏହି ସ୍ମାରକ ସ୍ତମ୍ଭ ନିର୍ମାଣ କରାଯାଉଛି। ଆସନ୍ତା ବର୍ଷ ମେ'ରେ ଏହାକୁ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରାୟ ୧୭ ଲକ୍ଷ ଟଙ୍କାର ଏହି ପ୍ରକଳ୍ପକୁ ୨୦୧୯-୨୦ ଆର୍ଥିକ ବର୍ଷରେ ମଞ୍ଜୁରୀ ମିଳିଥିଲା। ପ୍ରଥମେ ଏହି କାର୍ଯ୍ୟର ଦାୟିତ୍ୱ ସିଟି ଡିଏଫ୍‌ଓ ନେଇଥିଲେ। ହେଲେ ପ୍ରକଳ୍ପ ସ୍ଥାନଟି ଚନ୍ଦକା ଡିଏଫ୍‌ଓଙ୍କ ଅଧୀନରେ ଆସୁଥିବାରୁ ତାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ଚାଲିଛି। ସ୍ମାରକ ସ୍ତମ୍ଭର ମୂଳ କଂକ୍ରିଟ କାମ ସରିବା ପରେ ଗ୍ରାନାଇଟ ଫଳକ ଲଗାଯିବ। ତା'ପରେ କର୍ତ୍ତବ୍ୟରତ ସମୟରେ ରାଜ୍ୟର ଯେଉଁ ବନ କର୍ମଚାରୀଙ୍କ ମୃତ୍ୟୁ ହୋଇଛି ସେମାନଙ୍କ ନାମକୁ ଉକ୍ତ ଫଳକରେ ଖୋଦେଇ କରି ସ୍ତମ୍ଭରେ ସ୍ଥାନିତ କରାଯିବ। ଏନେଇ ରାଜ୍ୟର ସବୁ ଡିଭିଜନରୁ ବନ ଶହୀଦଙ୍କ ତାଲିକା ମଗାଯାଇଛି। ମୁଖ୍ୟତଃ ୪ କାରଣରୁ ଅକାଳ ମୃତ୍ୟୁ ଘଟିଲେ ବନ କର୍ମଚାରୀଙ୍କୁ ବନ ଶହୀଦ ଆଖ୍ୟା ଦିଆଯିବ। ସେଗୁଡ଼ିକ ହେଲା ଜଙ୍ଗଲ ନିଆଁ ଲିଭେଇବାବେଳେ, ବନ୍ୟପ୍ରାଣୀ ଆକ୍ରମଣଜନିତ ମୃତ୍ୟୁ, ଜଙ୍ଗଲ ସୁରକ୍ଷା ପାଇଁ ମାଫିଆଙ୍କ ବିରୋଧରେ ଲଢ଼ି ମୃତ୍ୟୁ ଓ ଜଙ୍ଗଲ ସୁରକ୍ଷା ପାଇଁ ମାଓବାଦୀଙ୍କ ଦ୍ୱାରା ମୃତ୍ୟୁ ଘଟିଲେ ବନ ଶହୀଦର ଆଖ୍ୟା ଦିଆଯିବ। ଅଣଗେଜେଟେଡ୍ ବନ ସେବା ସଂଘର ସମ୍ପାଦକ ସମୀର କୁମାର ବେହେରା ଏଥିପାଇଁ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।



ନିର୍ମାଣାଧିନ ସ୍ମୃତି ସ୍ତମ୍ଭ।

# ଆଜି ମହାଳୟା, ବିନ୍ଦୁସାଗର ମନା

**ଭୁବନେଶ୍ୱର, ୫।୧୦ (ବ୍ୟୁରୋ)**

ବୁଧବାର ପବିତ୍ର ମହାଳୟା। ପିତୃ ପୁରୁଷଙ୍କ ଶ୍ରାଦ୍ଧ ତର୍ପଣ ପାଇଁ ସହରର ଅନ୍ୟତମ ଐତିହ୍ୟ ପୁଷ୍କରିଣୀ ବିନ୍ଦୁସାଗରଠାରେ ଭିଡ଼ ହେବା ସମ୍ଭାବନା ଥିବାରୁ ଏହା ଉପରେ କଟକଣା ଲଗାଇଛି ବିଏମ୍‌ସି। ଭିଡ଼ ବଢିଲେ ସଂକ୍ରମଣ ବଢିବାର ଆଶଙ୍କା ରହିଥିବାରୁ ବିନ୍ଦୁସାଗରରେ କୌଣସି ପ୍ରକାର ଶ୍ରାଦ୍ଧ କାର୍ଯ୍ୟ ଏବଂ ବ୍ରାହ୍ମଣ ଭୋଜନ ହୋଇପାରିବ ନାହିଁ ବୋଲି ବିଏମ୍‌ସି ପକ୍ଷରୁ ଗାଇଡ୍‌ଲାଇନ୍ ଜାରି କରାଯାଇଛି।

# ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିଥିଲେ ପ୍ରାଣନାଥ

**ଭୁବନେଶ୍ୱର,୫।୧୦(ବ୍ୟୁରୋ)**

ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ପ୍ରାଣନାଥ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୟୁନିଟ୍-୩ସ୍ଥିତ ତାଙ୍କ ପ୍ରତିମୂର୍ତ୍ତିସ୍ଥଳରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ଯୋଗଦେଇ ସ୍ୱର୍ଗତ ପ୍ରାଣନାଥ ଜଣେ ସାହିତ୍ୟିକ ଭାବେ ବହୁ ପୁସ୍ତକ ଓ ପ୍ରବନ୍ଧ ରଚନା କରି ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିପାରିଥିଲେ ବୋଲି କହିଥିଲେ। ବିଭାଗର ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ବିଭାଗ ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳାଇ, ନିର୍ଦ୍ଦେଶକ ରଞ୍ଜନ ଦାସ, ବିଧାୟକ ଅନନ୍ତ ନାରାୟଣ ଜେନା, ପ୍ରଫେସର ଶଶାଙ୍କ ଚୂଡାମଣି, ପ୍ରବୀର ମହାନ୍ତି, ସତ୍ୟ ଜେନା, ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖା ସଭାପତି ଦିଲୀପ ଦାଶଶର୍ମା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନାରୀନେତ୍ରୀ ରଞ୍ଜୁଲତା ରାୟଙ୍କୁ 'ପ୍ରାଣନାଥ ପଟ୍ଟନାୟକ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସ୍ୱର୍ଗତ ପଟ୍ଟନାୟକଙ୍କ ପୁତ୍ର ଖବରଦାତା ପ୍ରଦୋଷ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ବସ୍ ଯାତ୍ରୀଙ୍କଠାରୁ ଲୁଟୁଥିବା ଗ୍ୟାଙ୍ଗ୍ ଧରାପଡ଼ିଲା

**ଭୁବନେଶ୍ୱର,୫।୧୦(ବ୍ୟୁରୋ)**

### ୨ ଗିରଫ, ସାମିଲ ଅଛନ୍ତି ମୁସଲିମ୍ ସମ୍ପ୍ରଦାୟର ୨୦ଜଣ

ବସ୍ ଯାତ୍ରୀଙ୍କଠାରୁ ଲୁଟ୍ ଓ ଚୋରି କରୁଥିବା ଏକ ଗ୍ୟାଙ୍ଗ୍‌କୁ ଶହୀଦନଗର ଥାନା ପୋଲିସ ଧରିବା ସହ ୨ ସଦସ୍ୟଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ମଙ୍ଗଳାବାଗ ଥାନାଞ୍ଚଳର ହଲିମ୍ ଖାନ୍(୪୨) ଓ ଯାଜପୁର ଜିଲା ଧର୍ମଶାଳା ଥାନାଞ୍ଚଳର ଏସ.କେ. ସାହେବଜାନ୍(୫୨)। ତେବେ ଅଭିଯୁକ୍ତଦ୍ୱୟଙ୍କୁ ପଚରାଉଚରା ବେଳେ ପୋଲିସ ଅନେକ ତଥ୍ୟ ପାଇଛି। ଏହି ଗ୍ୟାଙ୍ଗରେ ମୁସଲିମ୍ ସମ୍ପ୍ରଦାୟର ୨୦ଜଣ ସାମିଲ ଅଛନ୍ତି। ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ହିମାଂଶୁ ସ୍ୱାଇଁ କହିଛନ୍ତି। ସୋମବାର ଅପରାହ୍ନରେ ନୟାଗଡ଼ ରଣପୁର ଥାନାର ଜିତେନ୍ଦ୍ର ମହନ୍ତ ଜୟଦେବ ବିହାର ବସ୍‌ଷ୍ଟପ୍ ନିକଟରେ ୫୦ ହଜାର ଟଙ୍କା ପକେଟରେ ରଖି ଛିଡା ହୋଇଥିଲେ। ଦୁଇ ଅଭିଯୁକ୍ତ ତାଙ୍କ ପାଖରେ ରହି ଖୁଚୁରା ପଇସା ତଳେ ପଡିଗଲା ବୋଲି କହି ଉକ୍ତ ଟଙ୍କା ନେଇ ଚମ୍ପଟ ମାରିଥିଲେ। ସେହିପରି ନୟାପଲ୍ଲୀ ବିଏସ୍‌ନାଲ କଲୋନୀର ବିଭୂତିଭୂଷଣ ସେନାପତି ମୋ ବସ୍‌ରେ ଆସୁଥିବାବେଳେ ସଲିମ ଓ ଅନ୍ୟ ସହଯୋଗୀମାନେ ପକେଟରେ ଥିବା ୯୦୦ ଟଙ୍କା ନେଇଯାଇଥିଲ।

# ସମୁଦ୍ରପଥରେ ଡ୍ରଗ୍ସ ଚାଲାଣ ଆଶଙ୍କା ବଢୁଛି

**ପୁରୀ ଅଫିସ,୫।୧୦:**

### ପୋଲିସ କହିଲା ସତର୍କ ଦୃଷ୍ଟି ରଖିଛୁ

ମୁମ୍ବାଇ କ୍ରୁଜ୍ ଡ୍ରଗ୍ସ ମାମଲାରେ ଓଡ଼ିଶାର ଲିଙ୍କ୍ ପ୍ରସଙ୍ଗ ସାମ୍ନାକୁ ଆସିବା ସହ ରାଉରକେଲାର ଦୁଇଜଣ ଗିରଫ ହେବା ପରେ ସମୁଦ୍ର ତଟବର୍ତ୍ତୀ ପୁରୀ ସହର ଉପରେ ସଭିଙ୍କ ନଜର ପଡ଼ିଛି। ପୁରୀକୁ ଦେଶ ବିଦେଶର ଲୋକେ ଆସୁଥିବାବେଳେ କେବଳ ଯାଞ୍ଚ ପ୍ରକ୍ରିୟା ସମୟରେ ବା ସୁରକ୍ଷା ବ୍ୟବସ୍ଥା ଦୃଷ୍ଟିକୋଣରୁ ବେଳାଭୂମିରେ ପୋଲିସ ମୁତୟନ କରାଯାଇଥାଏ। ଅନ୍ୟ ସମୟରେ ବେଳାଭୂମି ପ୍ରାୟତଃ ମୁକୁଳା ପଡ଼ିଥାଏ। ତେଣୁ ଏହାର ସୁଯୋଗ ନେଇ ନିଶା ବେପାରୀ ସମୁଦ୍ର ପଥ ଦେଇ ପୁରୀରେ ପ୍ରବେଶ କରିବାର ଆଶଙ୍କା ରହିଛି। ପୁରୀ ସହରରେ ବ୍ରାଉନସୁଗାର ଓ ଗଞ୍ଜେଇ କାରବାର ବଢି ଚାଲିଥିବାବେଳେ ବେଳାଭୂମିକୁ ଲାଗିରହିଥିବା ପେଣ୍ଟକଟା ଅଞ୍ଚଳରେ ମଧ୍ୟ ନିଶା କାରବାର ନେଇ ପୂର୍ବରୁ ଅଭିଯୋଗ ରହିଛି। ପଶ୍ଚିମବଙ୍ଗରୁ ସଡ଼କ ପଥ ଦେଇ ବାଲେଶ୍ୱର ଜିଲାର ଜଳେଶ୍ୱର ଏବଂ ସେଠାରୁ ପୁରୀକୁ ବ୍ରାଉନସୁଗାର ଚାଲାଣ ହେଉଥିବା ଜଣାପଡ଼ିଛି। ତେବେ ସମୁଦ୍ରପଥରେ ବ୍ରାଉନସୁଗାର କିମ୍ବା ଡ୍ରଗ୍ସ ଆସୁଥାଇପାରେ ବୋଲି ଏବେ ଆଶଙ୍କା ସୃଷ୍ଟି ହେଲାଣି, ଯାହାକି ପୁରୀବାସୀଙ୍କୁ ଚିନ୍ତାରେ ପକାଇଛି।

ପୁରୀର କେତେକ ସ୍ଥାନରେ ଗଞ୍ଜେଇ, ମଦ ଓ ବ୍ରାଉନସୁଗାର କାରବାର ହେଉଛି। ତେଣୁ ଏଠାକୁ ଡ୍ରଗ୍ସ ବି ଆସୁଥାଇପାରେ ବୋଲି କେତେଜଣ ବ୍ୟକ୍ତି ଆଶଙ୍କା ପ୍ରକାଶ କରିଛନ୍ତି। ସତ୍ୟବ୍ରତ ପରିଡ଼ା କହିଛନ୍ତି, ପୁରୀରେ ବ୍ରାଉନସୁଗାର ଓ ଅନ୍ୟ ନିଶା କାରବାର ବନ୍ଦ କରିବା ପାଇଁ ପୋଲିସ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବା ଦରକାର। ତୃଣମୂଳ ସ୍ତରକୁ ଯାଇ ପୋଲିସ ତଦନ୍ତ କଲେ ଏହାର ଉତ୍ସ ସମ୍ପର୍କରେ ଜଣାପଡ଼ିବ। ଏସବୁ ଦୃଷ୍ଟିରୁ ସମୁଦ୍ର ପଥ ଉପରେ ପୋଲିସ ସତର୍କ ଦୃଷ୍ଟି ରଖିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି। ଏ ନେଇ ପୁରୀ ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ କହିଛନ୍ତି, ଜଳପଥ ବା ସମୁଦ୍ରପଥ ଉପରେ ପୋଲିସ କଡ଼ା ନଜର ରଖିଛି। କୌଣସି ନିଶା ବେପାରୀ ଯେଭଳି ଜଳପଥକୁ ମାଧ୍ୟମ ଭାବେ ବ୍ୟବହାର ନ କରିବେ ସେନେଇ ଆମେ ସତର୍କ ଦୃଷ୍ଟି ରଖିଛୁ। ଏଯାବତ୍ ଏଭଳି କୌଣସି ମାମଲା ସାମ୍ନାକୁ ଆସିନାହିଁ ବୋଲି କହିଛନ୍ତି।



# ପୋଲିସ ମାଡ଼ରେ ଯୁବକଙ୍କ ମୁଣ୍ଡ ଫାଟିଲା

**ଭୁବନେଶ୍ୱର,୫।୧୦(ବ୍ୟୁରୋ)**

କ୍ୟାପିଟାଲ ହସ୍ପିଟାଲରେ ମଙ୍ଗଳବାର ଜଣେ ରୋଗୀଙ୍କ ସମ୍ପର୍କୀୟଙ୍କୁ ପୋଲିସ ମାଡ଼ ମାରି ମୁଣ୍ଡ ଫଟାଇ ଦେଇଛି। ଆହତ ଯୁବକ ଜଣକ ସ୍ଥାନୀୟ କେଦାରପଲ୍ଲୀ ବସ୍ତିର। ତେବେ ପୋଲିସ ଚାପ ପକାଇ ଆପୋସ ବୁଝାମଣା କରିବା ପରେ ଯୁବକ ଜଣକ ଥାନାରେ ଅଭିଯୋଗ କରି ନ ଥିବା ଜଣାପଡିଛି। ସୂଚନା ଅନୁଯାୟୀ, କେଦାରପଲ୍ଲୀର ଜଣେ ଯୁବକଙ୍କ ଦେହ ଖରାପ ହେବାରୁ ମଙ୍ଗଳବାର ସନ୍ଧ୍ୟାରେ ସାଙ୍ଗଙ୍କ ସହ ହସ୍ପିଟାଲ ଆସିଥିଲେ। ଡାକ୍ତରଙ୍କ ପାଖକୁ ଯିବାବେଳେ ହସ୍ପିଟାଲ ସିକ୍ୟୁରିଟି ଗାର୍ଡ ଛାଡ଼ି ନ ଥିଲେ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଉତ୍ତେଜନା ପ୍ରକାଶ ପାଇବାରୁ ହସ୍ପିଟାଲ ଫାଣ୍ଡିର ଏଏସ୍‌ଆଇ ରୋଗୀଙ୍କ ସାଙ୍ଗକୁ ଫାଣ୍ଡିକୁ ନେଇ ପିଟିବା ସହ କବାଟ କଣକୁ ଠେଲି ଦେଇଥିଲେ। ଫଳରେ କାନ୍ଥରେ ଥିବା ଏକ କଣ୍ଟାରେ ଯୁବକଙ୍କ ମୁଣ୍ଡ ବାଜି ଫାଟିଯାଇଥିଲା। ତାଙ୍କୁ ଚିକିତ୍ସା କରାଯାଇଥିଲା। ଥାନାଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ ପହଞ୍ଚି ଆହତ ଯୁବକଙ୍କୁ ନେଇଯାଇଥିଲେ।

# 'ସାଉଁଟା ସ୍ମୃତିର ସ୍ୱପ୍ନ' ଲୋକାର୍ପିତ

**ଭୁବନେଶ୍ୱର,୫।୧୦(ବ୍ୟୁରୋ)**

କଳିଙ୍ଗ ସଂସ୍କୃତି ଐତିହ୍ୟ ସୁରକ୍ଷା ମଞ୍ଚ (କାପୋକ) ଆନୁକୂଲ୍ୟରେ ମଙ୍ଗଳବାର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ସରକାରୀ ବାସଭବନରେ ଯୁବ ଲେଖିକା ସୁଶ୍ରୀ ସୁଚିତ୍ରା ବେହେରାଙ୍କ ଦ୍ୱାରା ରଚିତ ଗଳ୍ପ ସଂକଳନ 'ସାଉଁଟା ସ୍ମୃତିର ସ୍ୱପ୍ନ' ଲୋକାର୍ପିତ ହୋଇଯାଇଛି। କାପୋକ୍ ଅଧ୍ୟକ୍ଷ ତଥା ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ସଭାପତି ସଂଗ୍ରାମ କେଶରୀ ପାଇକରାୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଲେଖିକାଙ୍କ ସୃଜନଶୀଳତାକୁ ସମ୍ମାନ ଜଣାଉଥିବା କହିଥିଲେ। ସମ୍ମାନିତ ଅତିଥି ଭାବେ ଆୟକର ଭବନ, କଟକର ପ୍ରଧାନ ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀଙ୍କ ସମେତ କାପୋକର ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି, ସଦସ୍ୟ ସଞ୍ଜୟ ପାତ୍ର, ଲଲାଟ କେଶରୀ ସାହୁ, ମାନସ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ଶହୀଦ ବାଜି ରାଉତଙ୍କୁ ଭାରତ ରତ୍ନ ମିଳୁ

**ଭୁବନେଶ୍ୱର,୫।୧୦(ବ୍ୟୁରୋ)**

ଢେଙ୍କାନାଳ ସାଂସ୍କୃତିକ ପରିଷଦ, ବାଜି ରାଉତ ସ୍ମୃତି ପରିଷଦ ଓ ଢେଙ୍କାନାଳ ବିକାଶ ପରିଷଦର ମିଳିତ ଆନୁକୂଲ୍ୟରେ ବୁଦ୍ଧମନ୍ଦିରରେ ବାଜି ରାଉତଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସ୍କୃତିକ ପରିଷଦ କାର୍ଯ୍ୟକାରୀ ସଭାପତି ତଥା ଢେଙ୍କାନାଳ ବିକାଶ ପରିଷଦ ଅଧ୍ୟକ୍ଷ ରାଜ ନାରାୟଣ ତ୍ରିପାଠୀ ଯୋଗଦେଇ ଶହୀଦ ବାଜି ରାଉତଙ୍କୁ ଭାରତ ରତ୍ନ ଦେବା ପାଇଁ ଦାବି କରିଥିଲେ। ଢେଙ୍କାନାଳ ଗଣଆନ୍ଦୋଳନ ଭାରତବର୍ଷର ପ୍ରଥମ ଗଣଆନ୍ଦୋଳନ। ଢେଙ୍କାନାଳ ଗଡ଼ଜାତର ୧ଲକ୍ଷରୁ ଊର୍ଦ୍ଧ୍ୱ ଜନତା ତତ୍କାଳୀନ ଶାସନ ବ୍ୟବସ୍ଥା ଓ ଶୋଷଣତନ୍ତ୍ରକୁ ବିରୋଧ କରି ରାଜ୍ୟ ଛାଡ଼ି ଚାଲିଯିବା ଏକ ଐତିହାସିକ ହିଜ୍‌ରତ୍ ଥିଲା। ମାତ୍ର ଦେଶ ସ୍ୱାଧୀନ ହେବାର ୭୪ବର୍ଷ ବିତିଯାଇଥିଲେ ସୁଦ୍ଧା ଗଡ଼ଜାତ ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀଙ୍କୁ ଉପଯୁକ୍ତ ସମ୍ମାନ ମିଳିପାରି ନାହିଁ ବୋଲି ସେ କହିଛନ୍ତି। ସମ୍ମାନିତ ଅତିଥି ଭାବେ ଡ. ଉଦ୍ଧବ ଚରଣ ନାୟକ, ସନାତନ ମଲ୍ଲିକ, ସାଂସ୍କୃତିକ ପରିଷଦ ସଭାପତି ଡ. ସୌରେନ୍ଦ୍ର ମହାପାତ୍ର, ରାଜ୍ୟ ଲୋକ କଳା ସଂଘ ଉପସଭାପତି ଅବନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୬ ଅକ୍ଟୋବର, ୨୦୨୧



**ବିଦ୍ୟୁତ୍ ଆଘାତରେ ଗାଈ ମୃତ, କ୍ଷତିପୂରଣ ଦାବି**

ବେଗୁନିଆ,(ଡି.ଏନ୍.ଏ.): ବେଗୁନିଆ ଥାନା ବୋଲଗଡ଼ ବ୍ଲକ ଅନ୍ତର୍ଗତ ଗୌଡପାଟଣା ଗାଁରେ ମଙ୍ଗଳବାର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ଗାଈର ମୃତ୍ୟୁ ଘଟିଛି। ପରିବାର ଲୋକେ କ୍ଷତିପୂରଣ ଦାବି କରିବା ସହ ବିଦ୍ୟୁତ୍ ବିଭାଗର ଅବହେଳାକୁ ଦାୟୀ କରି ଘଟଣାସ୍ଥଳରେ ଧାରଣା ଦେଇଥିଲେ। ସୂଚନା ମୁତାବକ, ଗୌଡପାଟଣା ଗ୍ରାମର ରବୀନ୍ଦ୍ର ବେହେରା ଏକ ଗୋରୁ ପଲ ନେଇ ଚରାଇବା ପାଇଁ ନିକଟ ପଡିଆକୁ ଯାଇଥିଲେ। ସେଠାରେ ବିଦ୍ୟୁତ୍ ତାର ଛିଣ୍ଡି ତଳେ ପଡିଥିଲା। ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ଗାଈର ମୃତ୍ୟୁ ହୋଇଥିଲା। ଏହାର ପ୍ରତିବାଦରେ ପରିବାର ଲୋକେ ଘଟଣାସ୍ଥଳରେ ଧାରଣା ଦେଇଥିଲେ। ଧଳାପଥର ଫାଣ୍ଡି ପୋଲିସ ପହଞ୍ଚି ବୁଝାଶୁଝା କରିଥିଲେ ମଧ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇପାର ନ ଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ୧୧ ଗ୍ରାମ ବ୍ରାଉନସୁଗାର ଜବତ, ୨ଗିରଫ

**ବାଲୁଗାଁ,୫।୧୦(ଡି.ଏନ୍.ଏ.):** ବ୍ରାଉନସୁଗାର କାରବାର ଅଭିଯୋଗରେ ବାଲୁଗାଁ ଅବକାରୀ ବିଭାଗ ମଙ୍ଗଳବାର ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ବାଲୁଗାଁ ଥାନା ଅଧୀନ ଗାନ୍ଧୀନଗର ସାହିର ବାଦଲରାମ ନାଗବଂଶୀ ମୁଣ୍ଡା ଓ କର୍ଣ୍ଣ ଜାଲି। ଏମାନଙ୍କ ନିକଟରୁ ୧୧ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ବିଭାଗ ପକ୍ଷରୁ ଜଣାପଡ଼ିଛି। ପ୍ରକାଶ ଯେ, ବାଲୁଗାଁ ଓ ଏହାର ଆଖପାଖ ଅଞ୍ଚଳରେ ବ୍ରାଉନସୁଗାର କାରବାର ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ସୋଲରି ରେଳଷ୍ଟେଶନ ନିକଟ ସରଳସିଂହ ରେଳ ଫାଟକଠାରେ ଅଭିଯୁକ୍ତଦ୍ୱୟ ବ୍ରାଉନସୁଗାର କାରବାର କରୁଥିବା ବେଳେ କୌଣସି ସୂତ୍ରରୁ ଖବରପାଇ ବାଲୁଗାଁ ଅବକାରୀ ସବ୍ ଇନ୍ସପେକ୍ଟର ମନୋଜ ବାରିକ ସଦଳବଳ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲେ। ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିବା ସହ ବ୍ରାଉନସୁଗାର ଜବତ କରିଥିଲେ। ଏନେଇ ବିଭାଗ ପକ୍ଷରୁ ଏକ ମାମଲା ନଂ. ୯/୨୧-୨୨ ରୁଜୁ କରାଯାଇ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି।

### ଦୁର୍ଘଟଣାରେ ମୃତ ଆଇନଜୀବୀଙ୍କ ଚକ୍ଷୁ ଦାନ

**ଖୋର୍ଦ୍ଧା ଅଫିସ,୫।୧୦:** ଖୋର୍ଦ୍ଧାର ଯୁବ ଆଇନଜୀବୀ ଅରୁଣ ଶତପଥୀଙ୍କ ସୋମବାର ପିତାପଲ୍ଲୀ ଛକଠାରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ତାଙ୍କ ପରିବାରବର୍ଗଙ୍କ ଅନୁମତିକ୍ରମେ ଅରୁଣଙ୍କ ଦୁଇ ଚକ୍ଷୁକୁ ଭୁବନେଶ୍ୱରର ଦୃଷ୍ଟିଦାନ ଚକ୍ଷୁ ବ୍ୟାଙ୍କଙ୍କୁ ଦାନ କରାଯାଇଛି। ପ୍ରକାଶ ଯେ, ଆଇନଜୀବୀ ଅରୁଣ ଏକ କାମରେ ଖୋର୍ଦ୍ଧାରୁ ଭୁବନେଶ୍ୱର ଯାଉଥିବା ବେଳେ ପିତାପଲ୍ଲୀ ଛକଠରେ ବିପରୀତ ପଟୁ ଆସୁଥିବା ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଜିଲା ସଦର ମହକୁମା ଚିକିତ୍ସାଳୟ ଓ ପରେ ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ପରିବାରବର୍ଗଙ୍କ ଅନୁମତିକ୍ରମେ ତାଙ୍କ ଦୁଇ ଚକ୍ଷୁକୁ ଦାନ କରାଯାଇଥିଲା। ପରେ ତାଙ୍କ ମୃତଦେହକୁ ଖୋର୍ଦ୍ଧା କୋର୍ଟ ପରିସରକୁ ଅଣାଯାଇଥିଲା। ସେଠାରେ ଖୋର୍ଦ୍ଧା ବାର୍ ଆସୋସିଏଶନ ପକ୍ଷରୁ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ବାର୍ ଆସୋସିଏଶନ ସଭାପତି ଅଜିତ୍ ପଟ୍ଟନାୟକ, ଶିଶିର ପରିଡ଼ା, ସଞ୍ଜୟ ପଟ୍ଟନାୟକ, ଅଭ୍ୟର୍ଥ ହରିହର ଖଡଙ୍ଗା, ପ୍ରଣୟ ରଞ୍ଜନ ଦାସ, ସଞ୍ଜୟ ଦାସ, ମାନସ ଜଗଦେବ, ମନ୍ମଥ ମିଶ୍ର, ବିଚିତ୍ର ବଡ଼ଜେନା, ପବିତ୍ରମୋହନ ରାଜଗୁରୁ, ନୃସିଂହ ଚରଣ ମିଶ୍ର ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। ଏଥିସହ କୋର୍ଟକୁ ଦିନକ ପାଇଁ ବନ୍ଦ ରଖାଯାଇଥିଲା। ମଙ୍ଗଳବାର ତାଙ୍କ ବାସଭବନରେ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଓ ରାଜେନ୍ଦ୍ର କୁମାର ସାହୁ, ସଞ୍ଜୟ ପଟ୍ଟନାୟକ, ବିକାଶ ପ୍ରଧାନ, ଚଣ୍ଡୀପ୍ରସାଦ ପରିଜା ପ୍ରମୁଖ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

### ଅବକାରୀ ଚଢ଼ାଉ: ୩ ଗିରଫ

**ପୁରୀ ଅଫିସ, ୫।୧୦:** ପୁରୀ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୪୫ ଲିଟର ଦେଶୀ ମଦ ଜବତ କରାଯିବା ସହ ୩ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ସମୁଦ୍ରକୂଳ ଥାନା ଅଧୀନ ବାଲିନୋଲିଆ ସାହିର ଜି.ତାରିଣୀ, ସଦର ଥାନା ଅଧୀନ ଗୋପିନାଥପୁରର ଖେତୁନା ବେହେରା ଏବଂ ଖଣ୍ଡିଆବନ୍ଧ ଅଞ୍ଚଳର ମେଘୀ ଭୋଇ। ଏମାନଙ୍କଠାରୁ ୧୫, ୨୦ ଓ ୧୦ ଲିଟର ମଦ ଜବତ ହୋଇଛି। ଏନେଇ ୩ଟି ମାମଲା ରୁଜୁ ହୋଇଛି।

### ୧୨୮ ୟୁନିଟ୍ ରକ୍ତ ସଂଗ୍ରହ

**ବୋଲଗଡ଼,୫।୧୦(ଡି.ଏନ୍.ଏ.):** ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟର ଏନ୍ଏସ୍ଏସ୍, ଏନ୍ସିସି, ୱାଇଆରସିର ମିଳିତ ଆନୁକୂଲ୍ୟରେ ଏବଂ ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ ସହଯୋଗରେ ମଙ୍ଗଳବାର କଲେଜ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଉଦ୍ଘାଟନ କରିଥିଲେ। କଲେଜ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ, ବିଡିଓ ଧୋବେଇ ଚରଣ ନାୟକ, ଅମୂଲ୍ୟ ବାହିନୀପତି, କର୍ମୋଦୟ ଛୋଟରାୟ, ପ୍ରଦୀପ ମିଶ୍ର, ଡ. ରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ମୋଟ୍ ୧୦୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସେହିପରି ବାଙ୍କୋଇସ୍ଥିତ ସାଧନା ଶିକ୍ଷ ତାଲିମ କେନ୍ଦ୍ର ପରିସରରେ କଂଗ୍ରସ ସେବାଦଳ ଦ୍ୱାରା ଆୟୋଜିତ ଶିବରରେ ୨୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

# ‘ମାର୍ଚ୍ଚ ସୁଦ୍ଧା ଜଟଣୀ ଫ୍ଲାଏ ଓଭରବ୍ରିଜ୍ କାମ ଶେଷ’

- ଖଣି ଓ ପୂର୍ତ୍ତ ମନ୍ତ୍ରୀଙ୍କ ଖୋର୍ଦ୍ଧା ଗସ୍ତ
- ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପି.ଏନ୍. କଲେଜ ବୁଲି ଦେଖିଲେ

**ଖୋର୍ଦ୍ଧା ଅଫିସ/ଜଟଣୀ, ୫।୧୦(ଡି.ଏନ୍.ଏ.)**


ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

ଖୋର୍ଦ୍ଧା ଜିଲା ଜଟଣୀ ସହରର ମୁଖ୍ୟ ରାସ୍ତାରେ ନିର୍ମାଣ ହେଉଥିବା ବହୁ ପ୍ରତିକ୍ଷୀତ ଫ୍ଲାଏ ଓଭରବ୍ରିଜ୍ କାମ ଆସନ୍ତା ମାର୍ଚ୍ଚ ମାସ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବ। ଏପ୍ରିଲ ୧ରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଏହି ବ୍ରିଜ୍କୁ ଉଦ୍ଘାଟନ କରାଯିବ। ମଙ୍ଗଳବାର ଖଣି ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ବ୍ରିଜ୍ ପରିଦର୍ଶନରେ ଆସି ଏହା କହିଛନ୍ତି।

ସୂଚନା ମୁତାବକ, ମନ୍ତ୍ରୀ ମଲ୍ଲିକ ଅଚାନକ ଖୋର୍ଦ୍ଧା ଗସ୍ତରେ ଆସି ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରିସରରେ ଥିବା ଆହାର କେନ୍ଦ୍ର ବୁଲି ଦେଖିଥିଲେ। ଏଥିସହ ଖାଦ୍ୟର ମାନ ପରଖିଥିଲେ। ମେଡିକାଲ ପରିସରରେ ଅଟୋ, ବାଇକ୍ ପାର୍କିଂ ଏବଂ ଘରୋଇ ଆମ୍ବୁଲାନ୍ସ ଥିବା ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ଏହା ପରେ ପ୍ରସୂତି, ଶିଶୁ ୱାର୍ଡ, ଏସଏନ୍ସିୟୁ ବୁଲି ଦେଖିଥିଲେ। ମେଡିକାଲ ପରିସର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଥିଲେ। ମେଡିକାଲର ଭିତ୍ତିଭୂମି, ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ସିଡିଏମଓ, ଡିଏମଓଙ୍କ ସହ ଆଲୋଚନା କରିଥିଲେ। ଉତ୍ତମ ରୋଗୀ ସେବା, ବ୍ୟବହାର ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଗସ୍ତ ବେଳେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ସିଡିଏମଓ ବିଶ୍ୱରଞ୍ଜନ ପତି, ଡିଏଚଏଚ ଡିଏମଓ ବିଶ୍ୱମୋହନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହା ପରେ ମନ୍ତ୍ରୀ ମଲ୍ଲିକ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଯାଇଥିଲେ। ମଙ୍ଗଳବାର ପ୍ରାଣନାଥଙ୍କ ଜୟନ୍ତୀ ଉତ୍ସବ ହୋଇଥିବାରୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କଲେଜର ଭିତ୍ତିଭୂମି ସମ୍ପର୍କରେ ଅଧ୍ୟକ୍ଷା ଡ.ରଞ୍ଜିତା ସେଠୀଙ୍କ ସହ ଆଲୋଚନା କରିଥିଲେ। କଲେଜ ପରିସରରେ ଚାଲିଥିବା ଛାତ୍ରୀ ନିବାସ, ଲେକ୍ଚରସ୍ ହଲ ନିର୍ମାଣ କାର୍ଯ୍ୟ ସ୍ଥିତି ବୁଲି ଦେଖିଥିଲେ। କଲେଜ ପରିସରରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ସମୀକ୍ଷା କରିଥିଲେ। କଲେଜ ପରିଚାଳନା କମିଟି ସଭାପତି ତଥା ବିଧାୟକ ମିତ୍ର କଲେଜରେ ଚାଲିଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟ ସମ୍ପର୍କ କହିଥିଲେ। ପରେ ମନ୍ତ୍ରୀ ମଲ୍ଲିକ ସେଠାରୁ ଜଟଣୀ ଅଭିମୁଖେ ଯାଇଥିଲେ। ଜଟଣୀ ସହରର ମୁଖ୍ୟ ରାସ୍ତାରେ ନିର୍ମାଣ ହେଉଥିବା ବହୁ ପ୍ରତିକ୍ଷୀତ ଫ୍ଲାଏଓଭର ବ୍ରିଜ୍ କାର୍ଯ୍ୟର ସମୀକ୍ଷା କରିଥିଲେ। ଏନେଇ ପୂର୍ତ୍ତ ନିର୍ବାହୀ ଯନ୍ତ୍ରୀ ଦୀପକ ପାଣିଗ୍ରାହୀଙ୍କ ସହ କାର୍ଯ୍ୟର ଅଗ୍ରଗତି ନେଇ ଆଲୋଚନା କରିଥିଲେ। ଏହି ବ୍ରିଜ୍ କାମ ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବ ସହ ଏପ୍ରିଲ ୧ରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉଦ୍ଘାଟନ କରାଯିବ ବୋଲି ମନ୍ତ୍ରୀ ମଲ୍ଲିକ କହିଥିଲେ। ତେବେ ବ୍ରିଜ୍ ନିର୍ମାଣ ପାଇଁ ରାସ୍ତା ପାର୍ଶ୍ୱରୁ ଦୋକାନ ଉଚ୍ଛେଦ କରାଯାଇଥିଲା। ଅଦ୍ୟାବଧି ସେମାନଙ୍କୁ ପ୍ରଶାସନ ପକ୍ଷରୁ ଥଇଥାନ କରାଯାଇ ନାହିଁ। ଏନେଇ କେତେଜଣ ଦୋକାନୀ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଗସ୍ତ ସମୟରେ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ସମେତ ବହୁ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ଖୋର୍ଦ୍ଧା ସମବାୟ ଛକସ୍ଥିତ ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଅତିଥି ଏବଂ ଅନ୍ୟମାନେ।

# ‘ପ୍ରାଣନାଥ ଥିଲେ ସମାଜ ସଂସ୍କାରକ’

**ଖୋର୍ଦ୍ଧା ଅଫିସ,୫।୧୦**

ଖୋର୍ଦ୍ଧାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକଙ୍କ ୫୨ତମ ଶ୍ରାଦ୍ଧବାର୍ଷିକୀ ମଙ୍ଗଳବାର ବିଭିନ୍ନ ଫୋରମ ପକ୍ଷରୁ ପାଳିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଓ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ସମବାୟ ଛକଠାରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ପ୍ରାଣନାଥଙ୍କ ଉଦ୍ୟମରେ ଖୋର୍ଦ୍ଧାରେ ଗଢ଼ି ଉଠିଥିବା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଶାର ଏକ ଲବ୍ଧ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ମଧ୍ୟରେ ଅନ୍ୟତମ। ସେ ଏକାଧାରାରେ ଜଣେ ସଂସ୍କାରକ, ସାମାଜିକ କର୍ମୀ, ଶିକ୍ଷାବିତ୍ ଥିଲେ ବୋଲି ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭୀମସେନ ପ୍ରଧାନ, ସତ୍ୟବାଦୀ ବଳିୟାରସିଂହ, ବୈକୁଣ୍ଠନାଥ ରାଜଗୁରୁ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ନରେନ୍ଦ୍ର ପୃଷ୍ଟି, ଗୋପାଳକୃଷ୍ଣ ଦାସ, ସଞ୍ଜୟ ପଟ୍ଟନାୟକ, ଡ.ଶରତ ଦୋରା, ସୁବାସ ଚନ୍ଦ୍ର କୁମାର, କଲେଜ ଅଧ୍ୟକ୍ଷା ଡ.ରଞ୍ଜିତା ସେଠୀ, ରୋଟାରିଆନ୍ ମିହିର ନାୟକ, ଓକିଲ ସଂଘ ସଭାପତି ଅଜିତ୍ ପଟ୍ଟନାୟକ, ଲିଙ୍ଗରାଜ ପ୍ରଧାନ, ପ୍ରାଣକୃଷ୍ଣ ଦଳବେହେରା, ଗିରୀଶ ପଟ୍ଟନାୟକ, ବିମଳ ଷଡ଼ଙ୍ଗୀଙ୍କ ସମେତ ପିଏନ୍ କଲେଜର ଏନ୍.ସି.ସି. ଓ ରୋଭର ରେଞ୍ଜର ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ।

# ଅନ୍ଧାରରେ ‘ମୋ ଜଟଣୀ’ ପାର୍କ

**ପୌର କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି**

**ଜଟଣୀ,୫।୧୦(ଡି.ଏନ୍.ଏ.)**

ଜଟଣୀ ସହରକୁ ସୁନ୍ଦର କରିବା ନିମନ୍ତେ ସ୍ଥାନୀୟ ପୌର ପରିଷଦ ପକ୍ଷରୁ ବିଭିନ୍ନ କାର୍ଯ୍ୟ କରାଯାଉଛି। ଏଥିଲାଗି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି। ତେବେ ସହରରେ ଥିବା ‘ମୋ ଜଟଣୀ’ ପାର୍କ କିଛିଦିନ ହେବ ଅନ୍ଧାରରେ ରହିଛି। ଲାଇଟ୍ ଜଳୁ ନ ଥିବାରୁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ଜଟଣୀ ସହରର ମସ୍ଜିଦ ଛକଠାରେ କିଛି ମାସ ପୂର୍ବେ ଉକ୍ତ ସ୍ଥାନର ଉନ୍ନତୀକରଣ ନିମନ୍ତେ ସେଠାରୁ ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯାଇ ୟୁଡବ୍ଲ୍ୟୁଆଇ ସ୍କିମ୍ ଜରିଆରେ ୬ଲକ୍ଷ ଟଙ୍କା ବ୍ୟୟରେ ଜନସାଧାରଣଙ୍କ ପାଇଁ ‘ମୋ ଜଟଣୀ’ ପାର୍କ ନିର୍ମାଣ କରାଯାଇଥିଲା। ପାର୍କର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିବା ନିମନ୍ତେ ବିଭିନ୍ନ ରଙ୍ଗର ଆଲୋକ ସଜ୍ଜା ଏବଂ ଜନସାଧାରଣଙ୍କ ବ୍ୟାୟାମ ନିମନ୍ତେ ବ୍ୟାୟାମ ଉପକରଣ ଝାରସୁଗୁଡାର ଏକ ଠିକା ସଂସ୍ଥାକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଲକ୍ଷାଧିକ ଅର୍ଥ ବିନିଯୋଗ କରାଯାଇ ନିର୍ମାଣ ହୋଇଥିବା ଏହି ପାର୍କ ଜନସାଧାରଣଙ୍କୁ ଆକୃଷ୍ଟ କରିଥିଲା। ପ୍ରତ୍ୟେକ ଦିନ ଶତାଧିକ ଲୋକ ଆଲୋକୀକରଣ ଏବଂ ପାର୍କର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହିତ ସେଲଫି ଉଠାଉଥିବା ଦେଖିବାକୁ ମିଳିଥିଲା। ତେବେ ଏକମାସ ନ ପୂରୁଣୁ ଉକ୍ତ ପାର୍କ ୨୦ଦିନ ହେବ ସମ୍ପୂର୍ଣ୍ଣ ଅନ୍ଧକାରରେ ରହିଛି। ଏନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟପଟେ ରାସ୍ତାରେ ଲାଗିଥିବା ଷ୍ଟ୍ରିଟ ଲାଇଟରେ ଏହି ପାର୍କ ଆଲୋକିତ ହେଉଛି। ତୁରନ୍ତ ଏହାର ସମାଧାନ ପାଇଁ ଦାବି ହେଉଛି। ଏ ସମ୍ପର୍କରେ ପୌରପରିଷଦ ଜେଇ ଦୀପକ ରଥ କହିଛନ୍ତି, ଆଲୋକୀକରଣ ଉପକରଣ ଶର୍ଟସର୍କିଟ ଯୋଗୁ ଫିୟୁଜ୍ ହୋଇଯାଇଛି। ଠିକା ସଂସ୍ଥାକୁ ଏନେଇ ଅବଗତ କରାଯାଇଛି। ଖୁବ୍ଶୀଘ୍ର ଆଲୋକୀକରଣ କରାଯିବ।

### ମିଳୁନି କଞ୍ଚାମାଲ, ବହୁ କ୍ରଶର ବନ୍ଦ

**ଖୋର୍ଦ୍ଧା ଅଫିସ,୫।୧୦**

କଞ୍ଚାମାଲ ଅଭାବରୁ ବହୁ କ୍ରଶର ୟୁନିଟ୍ ବନ୍ଦ ପଡିଛି। ଏହାର ପ୍ରତିବାଦରେ ଆଞ୍ଚଳିକ କ୍ରଶର ମାଲିକ ସଂଘ ମଙ୍ଗଳବାର ଖୋର୍ଦ୍ଧା ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଖୋର୍ଦ୍ଧାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏକାଧିକ ପାହାଡ ରହିଛି। ଏହି ସୌରାତରୁ ପଥର ଉତ୍ତୋଳନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପରିବେଶ ମଞ୍ଜୁରୀ ଦିଆଯାଏ। ୨୦୧୫ରେ ସରକାର ଲଘୁ ଖଣିଜ ସମ୍ପଦ ଆଇନ କାର୍ଯ୍ୟକାରୀ କରିଥିଲେ। ଏହିଆଇନ ପ୍ରକାରେ ନିଲାମ କରାଯାଇଥିଲା। ତେବେ ଗତ ୬ବର୍ଷ ବିତିଲାଣି, ନିଲାମଧାରୀଙ୍କୁ ପରିବେଶ ମଞ୍ଜୁରୀ ମିଳିନାହିଁ। ୨୦୨୦ରେ ଖୋର୍ଦ୍ଧା ଉପଜିଲାପାଳ, ଶ୍ରୀମନ୍ଦିର ପ୍ରଶାସନ ଉପସ୍ଥିତିରେ ୩ଟି କ୍ଲଷ୍ଟରରେ ଡଙ୍ଗରପଡ଼ା, କାଇପଦର ଏବଂ ତାପଙ୍ଗ ଅଞ୍ଚଳରେ ଜନଶୁଣାଣି ହୋଇଥିଲା। ତେବେ ପାହାଡ ନିଲାମ ନେଇଥିବା ମାଲିକଙ୍କୁ ରାଜ୍ୟ ପରିବେଶ ପ୍ରଭାବ ଆକଳନ ନିର୍ଦ୍ଦେଶାଳୟ(ସିଆ)ରୁ ଏପର୍ଯ୍ୟନ୍ତ ବ୍ୟକ୍ତିଗତ ମଞ୍ଜୁରୀ ସାର୍ଟିଫିକେଟ ଦିଆଯାଇ ନାହିଁ। ଦୀର୍ଘ ୬ବର୍ଷ ହେବ କ୍ରଶର ଶିଳ୍ପ ପାଇଁ କଞ୍ଚାମାଲ ମିଳୁ ନ ଥିବାରୁ କ୍ରସର ୟୁନିଟ ଗୁଡିକ ବନ୍ଦ ପଡିଛି ବୋଲି ସଂଘ କାର୍ଯ୍ୟକାରୀ ସଭାପତି ପ୍ରକାଶ ସାମନ୍ତରାୟ କହିଛନ୍ତି। କ୍ରଶର ୟୁନିଟରେ କାର୍ଯ୍ୟ କରୁଥିବା ୨୦ରୁ ୩୦ହଜାର ଶ୍ରମିକ କାମଧନ୍ଦା ପାଇବାରୁ ବଞ୍ଚିତ ହୋଇ ଦାଦନ ଖଟିବାକୁ ବାହର ରାଜ୍ୟକୁ ଯାଉଛନ୍ତି। ଏହା ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ ଲାଗି ସଂଘ ଜିଲା ପ୍ରଶାସନ ନିକଟରେ ଦାବି କରିଛି।

### ବଡ଼ାଖାନା କାର୍ଯ୍ୟକ୍ରମ

**ଖୋର୍ଦ୍ଧା ଅଫିସ,୫।୧୦**

ଖୋର୍ଦ୍ଧା ପୌର ପରିଷଦ ପକ୍ଷରୁ ଆଜାଦିକା ଅମୃତ ମହୋତ୍ସବ ଅବସରରେ ବଡାଖାନା କାର୍ଯ୍ୟକ୍ରମ ସ୍ଥାନୀୟ ବିଡିଏ କଲ୍ୟାଣ ମଣ୍ଡପ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥି, ଜିଲାପାଳ ସନତ ମହାନ୍ତି, ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ, ଉପଜିଲାପାଳ ତଥା ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଆଇ ଗୌରବ ଶିବାଜୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱଚ୍ଛ ଖୋର୍ଦ୍ଧା ସୁସ୍ଥ ଖୋର୍ଦ୍ଧା ଅଭିଯାନରେ ସଫେଇ କର୍ମଚାରୀ, ସ୍ୱଚ୍ଛ ସାଥିଙ୍କ କାର୍ଯ୍ୟ ପ୍ରଶଂସନୀୟ ବୋଲି ବିଧାୟକ କହିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ମଣ୍ଟୁ


@ ସୀମା


@ ସୂର୍ଯ୍ୟପ୍ରସାଦ


@ ସୁଜାତା


@ ଶିବ


@ ଆଶୀର୍ବାଦ

# ଧନେଶ୍ୱରଙ୍କୁ ବନ୍ୟପ୍ରାଣୀ ସୁରକ୍ଷା ସମ୍ମାନ



ପରିବେଶପ୍ରେମୀ ଧନେଶ୍ୱର ବିଧାରଙ୍କୁ ଚେକ୍ ପ୍ରଦାନ କରାଯାଉଛି।

**ଖୋର୍ଦ୍ଧା ଅଫିସ,୫।୧୦**

ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ଖୋର୍ଦ୍ଧା ଡିଭିଜନ ଅଧୀନରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଅବଦାନ ଲାଗି ପରିବେଶପ୍ରେମୀ ଧନେଶ୍ୱର ବିଧାରଙ୍କୁ ୨୦୨୧ବର୍ଷ ପାଇଁ ବିଜୁ ପଟ୍ଟନାୟକ ସମ୍ମାନ(ବନ୍ୟପ୍ରାଣୀ ସୁରକ୍ଷା) ପ୍ରଦାନ କରାଯାଇଛି। ଖୋର୍ଦ୍ଧା ବନଖଣ୍ଡ ପକ୍ଷରୁ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ଚାଲିଛି। ଏହି ଅବସରରେ ମଙ୍ଗଳବାର କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀ ପୁନିଆ ପାଣ୍ଡିୟାନ ମାନପତ୍ର ସହ ୫ହଜାର ଟଙ୍କା ଚେକ ଧନେଶ୍ୱରଙ୍କୁ ପ୍ରଦାନ କରିଥିଲେ। ବନ ଅଧିକାରୀ ଅସିତ ମିଶ୍ରଙ୍କ ସମେତ ସମସ୍ତ ବନ କର୍ମଚାରୀ ଉପସ୍ଥିତ ଥିଲେ। ୧୫ବର୍ଷରୁ ଉର୍ଦ୍ଧ୍ୱ ହେବ ଧନେଶ୍ୱର ପରିବେଶ ଏବଂ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗରେ କାର୍ଯ୍ୟ କରୁଛନ୍ତି।

**ଜିଲା କୋଷାଗାରରେ ଶ୍ରୀମନ୍ଦିର ରୁପା ରଖାଯିବା ପ୍ରସଙ୍ଗ**

# ସାଧାରଣରେ ଉଠୁଛି ପ୍ରଶ୍ନ

**ପୁରୀ ଅଫିସ,୫।୧୦**

ମହାପ୍ରଭୁଙ୍କୁ ଦାନ ଆକାରରେ ମିଳିଥିବା ୫ କୁଇଣ୍ଟାଲ ରୁପାକୁ ପୁରୀ ଜିଲା କୋଷାଗାରକୁ ପଠାଯିବା ପରେ ନୂଆ ବିବାଦ ମୁଣ୍ଡ ଟେକିଛି। ଶ୍ରୀଜଗନ୍ନାଥ ମନ୍ଦିର ନିୟମ ଅନୁଯାୟୀ, ଉପହାର ଭାବେ ମିଳିଥିବା ସୁନା, ରୁପା କିମ୍ବା ଯେକୌଣସି ଅଳଙ୍କାର ଶ୍ରୀମନ୍ଦିର ପରିଚାଳନା କମିଟି ଦାୟିତ୍ୱରେ ରହିବ। ରତ୍ନଭଣ୍ଡାରରେ ସଂପୃକ୍ତ ଉପହାରକୁ ପୃଥକ ଭାବେ ରଖାଯିବ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ସ୍ୱତନ୍ତ୍ର ଭାବେ ଏକ ରେଜିଷ୍ଟରରେ ଏ ସଂକ୍ରାନ୍ତ ତଥ୍ୟ ଲିପିବଦ୍ଧ କରିବେ। ଶ୍ରୀମନ୍ଦିର ପରିଚାଳନା କମିଟି ସମ୍ମୁଖରେ ସମୟ ସମୟରେ ରେଜିଷ୍ଟର ଉପସ୍ଥାପନ ହୋଇ ସମ୍ପୃକ୍ତ ସୁନା, ରୁପା ଅଳଙ୍କାର ସମ୍ବନ୍ଧିତ ସ୍ଥିତି ଯାଞ୍ଚ କରାଯିବ। ଏପରି କି ରାଜ୍ୟ ସରକାରଙ୍କୁ ପ୍ରତି ମାସରେ ଏ ସମ୍ପର୍କିତ ତଥ୍ୟ ପ୍ରଦାନ କରାଯିବ। ମହାପ୍ରଭୁଙ୍କୁ ଉପହାର ଆକାରରେ ମିଳିଥିବା ରୁପା ଓ ସୁନା ଅଳଙ୍କାରକୁ ରତ୍ନଭଣ୍ଡାରରେ ରଖିବାର ନିୟମ ଥିବାବେଳେ ପ୍ରଶାସକମାନେ ମନମୁଖୀ ଭାବେ ରୁପାକବାଟ ପାଇଁ ଆସିଥିବା ରୁପାକୁ ଜିଲା ଟ୍ରେଜେରିରେ ରଖିବା ଉଦ୍ଦେଶ୍ୟ କ'ଣ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ପ୍ରଶାସନ ରତ୍ନଭଣ୍ଡାର ଖୋଲିବାକୁ ଚାହୁଁ ନ ଥିବାରୁ ରୁପାକୁ ଟ୍ରେଜେରିରେ ଜାଣିଶୁଣି ରଖୁଛି କି ବୋଲି ସୂଚନା ଅଧିକାର କର୍ମୀ ଦିଲୀପ କୁମାର ବରାଳ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଉପହାର ଓ ଦାନକୁ ପ୍ରଶାସନ ପୃଥକ ଭାବେ ନା ଏକ ଦୃଷ୍ଟିରେ ଦେଖୁଛି ତାହା ବୁଝାପଡୁନାହିଁ।



ଯଦି ଉପହାରକୁ ଦାନ ବୋଲି ଗ୍ରହଣ କରାଯାଏ ତେବେ ଶ୍ରୀମନ୍ଦିର ନିୟମ ଅନୁଯାୟୀ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ କାହିଁକି ରୁପା ରଖାଗଲା ନାହିଁ ତାହା ଏକ ବଡ଼ ପ୍ରଶ୍ନ। ଏସମ୍ପର୍କରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ପୂଜାପଣ୍ଡାଙ୍କୁ ପଚାରିବାରେ ସେ କହିଛନ୍ତି, ସାଧାରଣତଃ ଶ୍ରୀମନ୍ଦିରକୁ ଦାନ ଆକାରରେ ମିଳୁଥିବା ସ୍ଥାୟୀ ଅଳଙ୍କାରକୁ ରତ୍ନଭଣ୍ଡାର ଭିତରେ ରଖାଯିବାର ପ୍ରାବଧାନ ରହିଛି। ମାତ୍ର ସଂପୃକ୍ତ ରୁପା ପ୍ରସଙ୍ଗଟି ସମ୍ପୂର୍ଣ୍ଣ ଭାବେ ଭିନ୍ନ। ଦାନ ଆକାରରେ ମିଳିଥିବା ରୁପାକୁ ବ୍ୟବହାର କରି ୭ଟି କବାଟ ନିର୍ମିତ ହୋଇଛି। କେବଳ କଳାହାଟ ଦ୍ୱାର ବଳକା ରହିଯାଇଥିବା ବେଳେ ଆସନ୍ତା ରଥଯାତ୍ରା ସମୟରେ ଏହାର ରୁପା ଛାଉଣି ହେବ। ଏଣୁ ଆଗାମୀ ଦିନରେ ରୁପା ବ୍ୟବହାର ହେବାକୁ ଥିବାରୁ ଏହାକୁ ରତ୍ନଭଣ୍ଡାରକୁ ନିଆ ନ ଯାଇ ଟ୍ରେଜେରିରେ ରଖାଗଲା। ଆସନ୍ତା ଦିନରେ ଟ୍ରେଜେରିରୁ ରୁପା ଅଣାଯାଇ କଳାହାଟ ଦ୍ୱାର ରୁପା ଛାଉଣି କରାଯିବ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## ମହିଳାଙ୍କୁ ବଳାତ୍କାର ଅଭିଯୋଗ

ପୁରୀ ଅଫିସ: ପୁରୀ ମେରାଇନ ଥାନା ଅଞ୍ଚଳରେ ମଙ୍ଗଳବାର ଜଣେ ମହିଳାଙ୍କୁ ରାସ୍ତାରୁ ଉଠାଇ ନେଇ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୧ଟା ୩୦ରେ ମହିଳା ଜଣକ କୌଣସି କାର୍ଯ୍ୟ ପାଇଁ ଘରୁ ବାହାରକୁ ଯାଉଥିବାବେଳେ ଏକ ଗାଡ଼ି (ନଂ. ଓଡି -୦୨- ଏଫ ୪୭୨୪) ରେ ଜଣେ ଯୁବକ ତାଙ୍କୁ ଉଠାଇ ନେଇଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ପରିବାର ଲୋକଙ୍କୁ ଖବର ଦେବା ସହ ଗାଡିର ପିଛା କରିଥିଲେ। ତେବେ ଉକ୍ତ ଗାଡିଟିକୁ ନାଗପାଟଣା ଜଙ୍ଗଲ ନିକଟରେ ଥିବା ଦେଖିଥିଲେ। ସେଠାକୁ ଯିବାବେଳେ ଯୁବକ ଜଣକ ପଳାଇଥିଲେ। ତେବେ ଜଙ୍ଗଲରୁ ସମ୍ପୃକ୍ତ ମହିଳାଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନା ନିଆଯାଇଥିଲା । ପରେ ମହିଳାଙ୍କ ପରିବାର ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଅଭିଯୋଗ ଅନୁସାରେ ତଦନ୍ତ ଚଳାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୫।୧୦।୨୦୨୧

| ୩,୭୬,୭୫୭ ଟଙ୍କା | |
|---|---|
| ସୁନା | ୨.୬୭୦ ଗ୍ରାମ |
| ରୁପା | ୫୮.୪୪୦ ଗ୍ରାମ |

# ରାଜଧାନୀରେ ବଜ୍ରକାପ୍ତା ର୍ୟାକେଟ, ପାର୍କରେ ଡିଲ୍

■ ୨ କେଜିରୁ ଊର୍ଦ୍ଧ୍ୱ କାତି ଜବତ
■ ୨ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୫।୧୦(ବ୍ୟୁରୋ)

ରାଜଧାନୀରେ ବଜ୍ରକାପ୍ତା କାତି ର୍ୟାକେଟ। ପାର୍କରେ ହେଲା ଡିଲ୍। ଶେଷରେ ର୍ୟାକେଟରେ ସମ୍ପୃକ୍ତ ଦୁଇଜଣଙ୍କୁ କ୍ରାଇବ୍ରାଞ୍ଚ ଏସ୍‌ଟିଏଫ୍ ଓ ୱାଇଲ୍ଡଲାଇଫ୍ କ୍ରାଇମ କଣ୍ଟ୍ରୋଲ ବ୍ୟୁରୋ (ଡବ୍ଲ୍ୟୁସିସିବି) ଗିରଫ କରିବା ସହ ସେମାନଙ୍କଠାରୁ ୨କେଜିରୁ ଊର୍ଦ୍ଧ୍ୱ କାତି ଜବତ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ବାଲିପାଟଣା ଅଞ୍ଚଳର ସୁକାନ୍ତ କୁମାର ମୁଦୁଲି ଓ ପିପିଲି ଅଞ୍ଚଳର ପ୍ରସନ୍ନ ରାୟ। ଏନେଇ ଅଧିକ ତଦନ୍ତ ଚାଲିଥିବା ଜଣେ ଅଧିକାରୀ କହିଛନ୍ତି।

ତାଙ୍କ ସୂଚନାନୁସାରେ, ଭୁବନେଶ୍ୱରରେ ବଜ୍ରକାପ୍ତା ର୍ୟାକେଟ ନେଇ ଖବର ମିଳିବା ପରେ ଡବ୍ଲ୍ୟୁସିସିବିର ଜଣେ ଅଧିକାରୀ ଗ୍ରାହକ ହୋଇ ପ୍ରଥମେ ସୁକାନ୍ତଙ୍କ ସହ ଯୋଗାଯୋଗ କରିଥିଲେ। ସୁକାନ୍ତ କାରବାରର ତରିକା ଜଣାଇ କେତେକ ସର୍ତ୍ତ ରଖିଥିଲେ। ପ୍ରଥମେ ୧୫ କାତିକୁ ୮୦ହଜାର ଟଙ୍କା ଦେଇ କିଣିବା ପରେ ଅଧିକ କାତି କିଣିବାକୁ କହିଥିଲେ। ଏପରିକି କଥାବାର୍ତ୍ତାବେଳେ ଅନ୍ୟଜଣଙ୍କ ପାଖରେ ୨ କେଜି କାତି ଥିବା ମଧ୍ୟ ସେ ଜଣାଇଥିଲେ। ଏଥିରେ ଅଧିକାରୀ ଜଣକ ରାଜି ହେବା ପରେ ସୁକାନ୍ତ ଇନ୍ଦିରାଗାନ୍ଧୀ ପାର୍କକୁ ଡାକିଥିଲେ। ଏହାପରେ ଏସ୍‌ଟିଏଫ୍ ସହ ଯୋଗାଯୋଗ କରାଯାଇ ସେଠାରେ ଚଢ଼ାଉ ଯୋଜନା ହୋଇଥିଲା। ମଙ୍ଗଳବାର ସୁକାନ୍ତ ଇନ୍ଦିରାଗାନ୍ଧୀ ପାର୍କରେ ୧୫ କାତି ଧରି ଅପେକ୍ଷା କରିଥିଲେ। ଏହି ସମୟରେ ମିଳିତ ଟିମ୍ ସେଠାରେ ଚଢ଼ାଉ କରି ତାଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୧୫ ବଜ୍ରକାପ୍ତା କାତି ଜବତ କରିଥିଲା। ପରେ ସୁକାନ୍ତଙ୍କୁ ଧରି ଟିମ୍ ର୍ୟାକେଟର ମାଷ୍ଟରମାଇଣ୍ଡ୍ ପ୍ରସନ୍ନଙ୍କୁ ପିପିଲି ଟୋଲ ଗେଟ୍ ନିକଟ ଜଇସି ପାଟଣା ଛକରୁ ଧରିଥିଲା। ତାଙ୍କଠାରୁ ୨ କେଜିରୁ ଊର୍ଦ୍ଧ୍ୱ କାତି ଜବତ କରାଯାଇଥିଲା। ୨ ଅଭିଯୁକ୍ତଙ୍କ ପାଖରୁ ୨ଟି ବାଇକ୍ ଓ ୨ଟି ମୋବାଇଲ ଫୋନ ମଧ୍ୟ ଜବତ କରାଯାଇଛି। ଉଭୟଙ୍କୁ ଭୁବନେଶ୍ୱର ଅଣାଯାଇ ପଚରାଉଚରା କରାଯାଉଥିବାବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ଜଣାପଡିଛି। ଏହି ଅପରେଶନରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଟିମ୍ ସହିତ ଡବ୍ଲ୍ୟୁସିସିବିର ଏକ ଦୁଇ ଜଣିଆ ଟିମ୍, ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ମଧ୍ୟ ସାମିଲ ଥିଲେ। ତେବେ ଏସ୍‌ଟିଏଫ୍ ଏହି ମାମଲାକୁ ନଗର ବନଖଣ୍ଡକୁ ହସ୍ତାନ୍ତର କରିଥିବାବେଳେ ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି।





ଜବତ ହୋଇଥିବା ବଜ୍ରକାପ୍ତା କାତି ।



ପୁରୀ ନାଗା ମଠ ପରିସରରେ ମଙ୍ଗଳବାର ମା' ବାରବାଟୀଙ୍କ ମେଢ ପାଇଁ ଶିଳ୍ପୀମାନେ ସୋଲ ଓ ଜରିରେ କାରୁକାର୍ଯ୍ୟ ପ୍ରସ୍ତୁତ କରୁଛନ୍ତି।

## ସଂକ୍ଷେପରେ

### କାକଟପୁର ଅଞ୍ଚଳରେ ଗୋଚାଲାଣକାରୀ ସକ୍ରିୟ

କାକଟପୁର,୫।୧୦(ଡି.ଏନ୍.ଏ.)- କାକଟପୁର ଅଞ୍ଚଳରେ କିଛିଦିନ ହେବ ଗୋଚାଲାଣକାରୀମାନେ ସକ୍ରିୟ ହୋଇପଡିଛନ୍ତି। ଗୋ ଚାଲାଣ ଉପରେ ରୋକ ଲଗାଯାଇ ନ ଥିବାରୁ ସେମାନେ ବୁଲା ଗୋରୁ ଓ ଷଣ୍ଢ ଉଠାଇ ନେଉଛନ୍ତି। କିଛିଦିନ ତଳେ କାନ୍ଦଲପୁର ଗ୍ରାମ ନିକଟରେ କେତେଜଣ ଦୁର୍ବୃତ୍ତ ଏକ ଷଣ୍ଢକୁ ରଶିରେ ବାନ୍ଧି ଗାଡିକୁ ଉଠାଉଥିବାବେଳେ ଗ୍ରାମବାସୀଙ୍କ ହାବୁଡ଼ରେ ପଡ଼ିଥିଲେ। ଦୁର୍ବୃତ୍ତମାନେ ଖସି ପଳାଇଥିବାବେଳେ ଷଣ୍ଢଟି ବର୍ତ୍ତି ଯାଇଥିଲା। ସେହିପରି କାକଟପୁର ମେଡିକାଲ ଛକ ନିକଟରେ ଗୋଚାଲାଣକାରୀମାନେ ଦୁଇଦିନ ତଳେ ଏକ ବୁଲା ଷଣ୍ଢ ବେକରେ ରଶି ବାନ୍ଧି ଘୋଷାଡ଼ି ନେଉଥିଲେ। ଏହି ସମୟରେ ହଠାତ ପୋଲିସ ପହଞ୍ଚିଯିବାରୁ ଦୁର୍ବୃତ୍ତମାନେ ଖସି ପଳାଇଥିଲେ। ଏତାଦୃଶ କାର୍ଯ୍ୟକୁ ଜିଲା ଗୋ ସୁରକ୍ଷା ସଂକୁଳ ପ୍ରମୁଖ ମିହିର ରଞ୍ଜନ ଦୀକ୍ଷିତ ତୀବ୍ର ନିନ୍ଦା କରିଛନ୍ତି । ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି।

### କୁରେଶ୍ୱରୀଙ୍କ ପୂଜା ପାଇଁ ପ୍ରସ୍ତୁତି ବୈଠକ

କଣାସ,୫।୧୦(ସ୍ୱ.ପ୍ର.)- କଣାସ ଅଞ୍ଚଳର ଆରାଧ ଠାକୁରାଣୀ ମା' କୁରେଶ୍ୱରୀଙ୍କର ଶାରଦୀୟ ପୂଜା ଉତ୍ସବ ଶାନ୍ତିଶୃଙ୍ଖଳାର ସହିତ ପାଳନ କରାଯିବା ନେଇ ମଙ୍ଗଳବାର ଏକ ବୈଠକ କଣାସ ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତହସିଲଦାର ଲକ୍ଷ୍ମୀଧର ମହାରଣା ଅଧକ୍ଷତା କରିଥିଲେ । ୧୬ଖଣ୍ଡ ଗ୍ରାମର କର୍ମକର୍ତ୍ତା ଓ କୁରେଶ୍ୱରୀଙ୍କ ସେବକ ଯୋଗ ଦେଇଥିଲେ। ଆସନ୍ତା ୫ମୀ, ୬ଷ୍ଠୀ, ୭ମୀ, ୮ମୀ ତିଥିରେ ମା' କୁରେଶ୍ୱରୀ କାଠିଦିଅଁ ରୂପେ ଏହି ୧୬ଖଣ୍ଡି ଗ୍ରାମ ବୁଲି ଦୁଆରି ଭୋଗ ଖାଇବାପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। କୋଭିଡ କଟକଣା ମାନି ୭ଜଣ ସେବକ ମାସ୍କ ପିନ୍ଧି, ସାମାଜିକ ଦୂରତା ରକ୍ଷା କରି କାଠିଦିଅଁଙ୍କୁ କାନ୍ଧେଇ ଗ୍ରାମ ପରିକ୍ରମା କରିବେ। କୌଣସି ବ୍ୟକ୍ତି କାଠିଦିଅଁଙ୍କୁ ଛୁଇଁ ପାରିବେ ନାହିଁ ନିଷ୍ପତ୍ତି ନିଆଯିବା ସହିତ ଏକ ସବ୍ କମିଟି ଗଠନ କରାଯାଇଥିଲା। ତହସିଲଦାର ଓ ପୋଲିସ ଦିଅଁ ଭୋଗ ଖାଇବା ସମୟରେ ତଦାରଖ କରିବା ପାଇଁ ବୈଠକରେ କୁହାଯାଇଥିଲା। ଗ୍ରାମବାସୀ ଠାକୁରାଣୀଙ୍କ ଉତ୍ସବକୁ ସହଯୋଗ କରିବା ପାଇଁ ତହସିଲଦାର ମହାରଣା ନିବେଦନ କରିଥିଲେ। ବୈଠକରେ କଣାସ ଥାନା ଅତିରିକ୍ତ ଅଧିକାରୀ ଗୌରୀଶଙ୍କର ସେଠୀ, କଣାସ ବଡମଠ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାସମହାରଜ, ସାମାଜିକ କର୍ମୀ ହାଡିବନ୍ଧୁ ପାଢୀ, ସୁକାନ୍ତ ସାମନ୍ତରାୟ, ହରିବନ୍ଧୁ ଭୋଳ, ପ୍ରଭାକର ବଳିୟାରସିଂହ, ଶ୍ରୀକାନ୍ତ ପଟ୍ଟଯୋଷୀ, କୁରେଶ୍ୱରୀଙ୍କ ସେବକ ବସନ୍ତ ମହାପାତ୍ର, ଲକ୍ଷ୍ମୀଧର ମହାପାତ୍ର, ଶ୍ୟାମସୁନ୍ଦର ମହାପାତ୍ର ଓ ୧୬ଖଣ୍ଡି ଗ୍ରାମର କର୍ମକର୍ତ୍ତା ଯୋଗଦେଇଥିଲେ।



ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ମଙ୍ଗଳବାର ବନ ବିଭାଗ ପକ୍ଷରୁ କୋଣାର୍କ ସୂର୍ଯ୍ୟମନ୍ଦିରଠାରୁ ବାହାରିଥିବା ସଚେତନତା ସାଇକେଲ ଶୋଭାଯାତ୍ରା।

# ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ସଚେତନତା

କୋଣାର୍କ, ୫।୧୦(ଡି.ଏନ୍.ଏ.):

କୋଣାର୍କ ବନ ବିଭାଗ ପକ୍ଷରୁ ୬୭ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ମଙ୍ଗଳବାର କୋଣାର୍କ ସୂର୍ଯ୍ୟମନ୍ଦିରଠାରୁ ୬ଟି ବିଦ୍ୟାଳୟର ଜାତୀୟ ସବୁଜ ବାହିନୀର ଛାତ୍ରୀଛାତ୍ରମାନେ ସାଇକେଲ ଶୋଭାଯାତ୍ରାରେ ବାହାରି ଚନ୍ଦ୍ରଭାଗା ପର୍ଯ୍ୟନ୍ତ ଯାଇଥିଲେ। ସେମାନେ ପ୍ଲାକାର୍ଡ ଓ ସ୍ଲୋଗାନ ମାଧ୍ୟମରେ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି କରିଥିଲେ। ମୁଖ୍ୟ ଅତିଥି ଭାବେ ଡିଏଫ୍ଓ ଆର୍.ରାମାସ୍ୱାମୀ ପି ଯୋଗ ଦେଇ ଏହି ଶୋଭାଯାତ୍ରାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କୋଣାର୍କ ବନାଞ୍ଚଳ ଅଧିକାରୀ ବେଣୁଧର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏସିଏଫ୍ ଉତ୍ତମ କୁମାର ଗଣନାୟକ, ଜାତୀୟ ସବୁଜ ବାହିନୀର ନୋଡାଲ ଅଧିକାରୀ ରାମକୃଷ୍ଣ ମହାନ୍ତି, ହୃଦାନନ୍ଦ ସେଠୀ, ପରିବେଶବିତ୍ ଶୋଭାକର ନାୟକ ପ୍ରମୁଖ ଯୋଗ ଦେଇ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗରେ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ନୂଆଗାଁ, କୋଣାର୍କ ସରକାରୀ ଉଚ୍ଚ ବିଦ୍ୟାଳୟ, ରାଉଳପାଟଣା ଦାମୋଦର ବାଳିକା ଉଚ୍ଚ ବିଦ୍ୟାଳୟ ଓ କୋଟିଲେଶ୍ୱର ଉଚ୍ଚ ବିଦ୍ୟାଳୟ ଜାତୀୟ ସବୁଜ ବାହିନୀର ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନେ ସାମିଲ ଥିଲେ। କୋଣାର୍କ ବନଖଣ୍ଡ ବନାଞ୍ଚଳ କାର୍ଯ୍ୟାଳୟର କର୍ମଚାରୀଙ୍କ ସମେତ ଶିକ୍ଷକ ପ୍ରଦୀପ୍ତ ପ୍ରଧାନ, ସୂର୍ଯ୍ୟକାନ୍ତ ମିଶ୍ର ଓ ଲକ୍ଷ୍ମୀପ୍ରିୟା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜେଜେଏସ୍‌ର ବ୍ଲକସ୍ତରୀୟ କର୍ମଶାଳା

ନିମାପଡ଼ା,୫।୧୦(ଡି.ଏନ୍.ଏ.)

ନିମାପଡ଼ା ବ୍ଲକ ଅନ୍ତର୍ଗତ ଜାଗେଶ୍ୱରୀ ଯୁବକ ସଂଘ(ଜେଜେଏସ୍) ପକ୍ଷରୁ କାଥୋଲିକ ରିଲିଫ ସର୍ଭିସ(ସିଆର୍‌ଏସ୍) ଇଣ୍ଡିଆ ସହାୟତାରେ ଏକ ବ୍ଲକସ୍ତରୀୟ କର୍ମଶାଳା ବ୍ଲକ ସଭାକକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିପର୍ଯ୍ୟୟ ସହଣୀ ଗୃହ ନିର୍ମାଣ ନିମନ୍ତେ ବଜାରଭିତ୍ତିକ କାର୍ଯ୍ୟକ୍ରମ ପ୍ରସାରିତ ଶୀର୍ଷକ ଏକ କର୍ମଶାଳାରେ ଅତିଥି ଭାବେ ସିଆର୍‌ଏସ୍‌ର ପ୍ରୋଗ୍ରାମ ସଂଯୋଜକ ଅଞ୍ଜନା ଗୁରୁ, ପ୍ରୋଗ୍ରାମ ମ୍ୟାନେଜର ଅମରେନ୍ଦ୍ର ଘାନା, ବିଡିଓ ବସନ୍ତ ମଲ୍ଲିକ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁନୀଲ ନନ୍ଦ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଜୟ ସ୍ୱାଇଁ, ଜାଗେଶ୍ୱରୀ ଯୁବକ ସଂଘର ସମ୍ପାଦକ ନକୁଳଚନ୍ଦ୍ର ସ୍ୱାଇଁ, ସଭାନେତ୍ରୀ ଚାରୁଲତା ବାରିକ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ, ବିପର୍ଯ୍ୟୟ ସହଣୀ ଗୃହ ନିର୍ମାଣ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିବାବେଳେ ହିତାଧିକାରୀମାନେ ଏ ଦିଗରେ ଧ୍ୟାନ ଦେଇ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଗୃହ ନିର୍ମାଣ କରିବାକୁ ପରାମର୍ଶ ଦେଇଥିଲେ। ଆୟୋଜିତ କର୍ମଶାଳାରେ ସ୍ଥାନୀୟ ବ୍ଲକ ଅନ୍ତର୍ଗତ କୋଟକୋସାଙ୍ଗ, ଧନୁଆଁ, ବଡ଼ଶିରୁଳ, ଶାଇଁଶଶାସନ, ଶଗଡ଼ା, ରେଞ୍ଚଶାସନ, ବାମନାଳ, ଅରିଷଣ୍ଡ, ବଡ଼ମାଛପୁର, ଡେଣୁଆଁ ଆଦି ୧୨ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଆବାସ ଯୋଜନା ହିତାଧିକାରୀ, ଜେଜେଏସ୍‌ର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

# ଜନ୍ମମୃତ୍ୟୁ ପଞ୍ଜୀକରଣ କେନ୍ଦ୍ରରେ ଅବ୍ୟବସ୍ଥା

ନିମାପଡ଼ା,୫।୧୦(ଡି.ଏନ୍.ଏ.)

ନିମାପଡ଼ା ବ୍ଲକ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଜନ୍ମମୃତ୍ୟୁ ପଞ୍ଜୀକରଣ କାର୍ଯ୍ୟାଳୟରେ ଅବ୍ୟବସ୍ଥା ପରିଲକ୍ଷିତ ହେଉଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରତିକ୍ରିୟା ଦେଖାଦେଉଛି। ମଙ୍ଗଳବାର ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ଏହି କାର୍ଯ୍ୟାଳୟକୁ ଜନ୍ମମୃତ୍ୟୁ ପଞ୍ଜୀକରଣ ପ୍ରମାଣପତ୍ର ନେବାକୁ ଆସିଥିବାବେଳେ କାର୍ଯ୍ୟାଳୟରେ ତାଲା ପଡ଼ିଥିଲା। ଏପରିକି କୌଣସି ଅଧିକାରୀ ମଧ୍ୟ ନ ଥିବାରୁ ଲୋକେ ଉତ୍ୟକ୍ତ ହୋଇ ହୋହଲ୍ଲା କରିଥିଲେ। ଉକ୍ତ କାର୍ଯ୍ୟାଳୟକୁ ନିୟୋଜିତ କର୍ମଚାରୀମାନେ ନିୟମିତ ଆସୁ ନ ଥିବାବେଳେ ଅଧିକାଂଶ ସମୟରେ କାର୍ଯ୍ୟାଳୟରେ ତାଲା ପଡୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏଭଳି ଅବ୍ୟବସ୍ଥା ଯୋଗୁ ଜନ୍ମମୃତ୍ୟୁ ପ୍ରମାଣପତ୍ର ପାଇଁ ଲୋକେ ଏହି କାର୍ଯ୍ୟାଳୟକୁ ମାସାଧିକ ଧରି ଦୌଡ଼ି ପ୍ରମାଣପତ୍ର ନ ପାଇ ନିରାଶରେ ଫେରୁଛନ୍ତି। କାର୍ଯ୍ୟରେ ଅବହେଳା କରୁଥିବା ଅଧିକାରୀ, ନିୟମିତ ଆସୁ ନ ଥିବା କର୍ମଚାରୀଙ୍କ ବିରୋଧ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଜନସାଧାରଣ ପୁରୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିକଟରେ ଦାବି କରିଛନ୍ତି। ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ବାଧ୍ୟ ହୋଇ ସ୍ଥାନୀୟ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ଗହଣା ସଫା କରିବାକୁ କହି ଠକିନେଲେ ସୁନାଚେନ୍

ସାକ୍ଷୀଗୋପାଳ,୫।୧୦(ଡି.ଏନ୍.ଏ.)

ସାକ୍ଷୀଗୋପାଳ – ଅଳଗୁମ ରାସ୍ତାର ଗଙ୍ଗାଧର ବିହାର କଲୋନୀରେ ମଙ୍ଗଳବାର ଏକ ଅଭିନବ ଠକେଇ ହୋଇଛି। ପୂର୍ବାହ୍ନରେ ୨ ଜଣ ଯୁବକ ଏକ ଆପାଚି ବାଇକ୍‌ରେ ଆସି ୨ଜଣ ବାସିନ୍ଦାଙ୍କ ଦୁଆରେ ଡାକିଥିଲେ । ଘରୁ ୨ ଜଣ ମହିଳା ଆସିବା ପରେ ଯୁବକଦ୍ୱୟ ମହିଳାଙ୍କୁ ଏକ କମ୍ପାନୀରୁ ଆସିଛୁ ବୋଲି କହିଥିଲେ । ବିନା ମୂଲ୍ୟରେ ସମସ୍ତ ଧାତବ ଦ୍ରବ୍ୟ ସଫା କରିଦେବୁ ବୋଲି କହିବାରୁ ମହିଳାଦ୍ୱୟ ୪ହଳ ରୁପା ପାଉଁଜି ସଫା କରିବାକୁ ଦେଇଥିଲେ। ଯୁବକଦ୍ୱୟ ପାଉଜି ସଫା କରି ଫେରାଇବା ମଧ୍ୟରେ ନାନା ପ୍ରଲୋଭନ ଦେଖାଇ ବିଶ୍ୱାସ ଜନ୍ମାଇଥିଲେ। ମହିଳାଦ୍ୱୟ ପରେ ୨ଟି ସୁନା ଚେନ ସଫା କରିବା ନିମନ୍ତେ ଦେବାରେ ସେମାନେ ଚେନ ଦୁଇଟିକୁ ୨ଟି ଡବାରେ ପକାଇଥିଲେ। ଚତୁରତାର ସହିତ ସୁନାଚେନ ଥିବା ଡବା ଦୁଇଟିକୁ ବଦଳାଇ ସେହିପରି ଆଉ ୨ଟି ଡବା ମହିଳା ଦ୍ୱୟଙ୍କୁ ଦେଇଥିଲେ। ପ୍ରାୟ ୪୫ ମିନିଟ ପରେ ଡବା ଭିତରେ ଥିବା ସୁନା ଚେନ ସଫା ହୋଇଯିବ ବୋଲି କହିଥିଲେ ଏବଂ ସଫା କରିବା ମଜୁରି ବାବଦକୁ ଶହେ ଟଙ୍କା ନେଇ ଚାଲି ଯାଇଥିଲେ। ପ୍ରାୟ ୪୫ ମିନିଟ ପରେ ମହିଳା ଦ୍ୱୟ ଡବା ଖୋଲିବା ବେଳକୁ ଡବାରେ ସୁନାଚେନ ବଦଳରେ ଗୋଡ଼ି ଥିବା ଦେଖିଥିଲେ । ବ୍ୟସ୍ତବିବ୍ରତ ହୋଇ ସେମାନଙ୍କ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ସହ ସତ୍ୟବାଦୀ ଥାନାରେ ଅଭିଯୋଗ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ବ୍ରହ୍ମଗିରି ଗସ୍ତ ନେଇ ପ୍ରସ୍ତୁତି



ବୈଠକରେ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଏବଂ ଅନ୍ୟମାନେ ।

ପୁରୀ ଅଫିସ,୫।୧୦:

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୭ତାରିଖରେ ବ୍ରହ୍ମଗିରି ଗସ୍ତରେ ଆସିବେ। ଏହି ଗସ୍ତ ନେଇ ମଙ୍ଗଳବାର ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମାଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓଙ୍କ ସମେତ ବ୍ଲକ୍‌ସ୍ତରୀୟ ଅଧିକାରୀ ଓ ଲୋକ ପ୍ରତିନିଧିମାନେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ହେଲିପ୍ୟାଡ୍ ଯେଉଁସ୍ଥାନରେ ଅଟକିବ ସଂପୃକ୍ତ ସ୍ଥାନକୁ ଯୋଜନା ବୋର୍ଡ ଉପାଧ୍ୟକ୍ଷ ଯାଇ ସ୍ଥିତି ପରଖିବା ସହ ବ୍ଲକସ୍ତରୀୟ ଅଧିକାରୀମାନଙ୍କୁ ଆନୁଷଙ୍ଗିକ ବ୍ୟବସ୍ଥା ପ୍ରସ୍ତୁତ ରଖିବାକୁ କହିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ୭ତାରିଖରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସ୍ମାର୍ଟ କାର୍ଡ ବଣ୍ଟନର ଶୁଭାରମ୍ଭ କରିବା ପରେ ୮ ତାରିଖଠାରୁ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅଧୀନ ପ୍ରତି ପଞ୍ଚାୟତର ଦୁଇଟି ବିଦ୍ୟାଳୟରେ ସ୍ମାର୍ଟ କାର୍ଡ ବଣ୍ଟନ କରାଯିବ। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନ ବଳରେ ରାଶନ କାର୍ଡ ହିତାଧିକାରୀଙ୍କୁ ଏହି ସ୍ମାର୍ଟ କାର୍ଡ ଯୋଗାଇ ଦିଆଯିବ। କୃଷ୍ଣପ୍ରସାଦ, ବ୍ରହ୍ମଗିରି ଓ ପୁରୀ ସଦର ଭଳି ତିନୋଟି ଅଞ୍ଚଳରେ ତିନି ଜଣ ମନ୍ତ୍ରୀ ସ୍ମାର୍ଟ କାର୍ଡ ବଣ୍ଟନ ଦାୟିତ୍ୱରେ ରହିବେ ବୋଲି ଜଣାପଡ଼ିଛି।

# ପ୍ରଶାସନର ଦ୍ୱାରସ୍ଥ ଉଠାବ୍ୟବସାୟୀ

ପୁରୀ ଅଫିସ, ୫।୧୦:

ଶ୍ରୀମନ୍ଦିର ସିଂହଦ୍ୱାର ଅଞ୍ଚଳରେ ଉଠା ବ୍ୟବସାୟୀମାନେ ବ୍ୟବସାୟ କରିବାରେ ସମସ୍ୟା ଭୋଗୁଛନ୍ତି। ପୋଲିସ ଓ ପୌର ପ୍ରଶାସନ କର୍ମଚାରୀ ସେମାନଙ୍କୁ ବ୍ୟବସାୟ କରିବାକୁ ଦେଉନାହାନ୍ତି। ଫଳରେ ସେମାନଙ୍କ ଜୀବିକା ପ୍ରଭାବିତ ହୋଇଛି। ଏ ନେଇ ସେମାନେ ମଙ୍ଗଳବାର ଜିଲାପାଳ ଏବଂ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଉକ୍ତ ସ୍ଥାନରେ ବ୍ୟବସାୟ ପାଇଁ ଅନୁମତି ଦେବାକୁ ଅନୁରୋଧ ଜଣାଇବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ସଂଘ କର୍ମକର୍ତ୍ତା କହିଛନ୍ତି, ଆଜକୁ ୪୫ବର୍ଷ ହେବ ଶ୍ରୀମନ୍ଦିର ଚାରିପାଖରେ ବୁଲି ବେପାର କରିଆସୁଥିଲୁ। ତେବେ କରୋନାଜନିତ ଲକ୍‌ଡାଉନ ଯୋଗୁ ୯ ମାସ ବିନା ବ୍ୟବସାୟରେ ଧାରକରଜ କରି ବହୁ କଷ୍ଟରେ ପରିବାର ଭରଣପୋଷଣ କରିଥିଲୁ। ଲକ୍‌ଡାଉନ କୋହଳ ହେବା ପରେ ପୁଣି ଶ୍ରୀମନ୍ଦିର ନିକଟରେ ବୁଲି ବୁଲି ବ୍ୟବସାୟ କରୁଥିଲୁ। ମାତ୍ର ବର୍ତ୍ତମାନ ସିଂହଦ୍ୱାର ପାଖରେ ବ୍ୟବସାୟ କରିବାକୁ ପୋଲିସ ଓ ପୌରପାଳିକା କର୍ମଚାରୀ ବାରଣ କରୁଛନ୍ତି। ତେଣୁ ଜୀବିକା ଚିନ୍ତା ବଢ଼ିଛି। ସମ୍ପୃକ୍ତ ସ୍ଥାନରେ ବ୍ୟବସାୟ କରିବାକୁ ଅନୁମତି ଦେବା ପାଇଁ ପ୍ରଶାସନକୁ ସିଂହଦ୍ୱାର ଉଠାବ୍ୟବସାୟୀ ସଂଘ କର୍ମକର୍ତ୍ତା ନିବେଦନ କରିଛନ୍ତି।



ଜିଲାପାଳଙ୍କୁ ଗୁହାରି ଜଣାଇବାକୁ ଆସିଥିବା ଉଠାବ୍ୟବସାୟୀମାନେ।

# ପ୍ରତିବାଦ ଦିବସ ପାଳିଲା ସଂଯୁକ୍ତ କିଷାନ ମୋର୍ଚ୍ଚା

## ଚାଷୀ ହତ୍ୟା ଘଟଣା

ପୁରୀ ଅଫିସ, ୫।୧୦:

ଉତ୍ତରପ୍ରଦେଶର ଲକ୍ଷ୍ମୀପୁର ଖେରିରେ କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଭୟ ମିଶ୍ରଙ୍କ ପୁଅ ଆନ୍ଦୋଳନରତ କୃଷକଙ୍କ ଉପରେ ଗାଡ଼ି ମଡ଼ାଇ ହତ୍ୟା କରିବା ଘଟଣାକୁ ସଂଯୁକ୍ତ କିଷାନ ମୋର୍ଚ୍ଚା ନିନ୍ଦା କରିବା ସହ ମଙ୍ଗଳବାର ପ୍ରତିବାଦ ଦିବସ ପାଳନ କରିଛି। ଏହି ପରିପ୍ରେକ୍ଷୀରେ ସଂଯୁକ୍ତ କିଷାନ ମୋର୍ଚ୍ଚା ପୁରୀ ଶାଖା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ୩ ଦଫା ସମ୍ବଳିତ ଦାବିପତ୍ର ଦିଆଯାଇଛି। ହରିୟାଣା ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ମନ୍ତ୍ରୀ ମିଶ୍ରଙ୍କୁ ସେମାନଙ୍କ ପଦବୀରୁ ବହିଷ୍କାର କରାଯିବା ସହ ହତ୍ୟା ଅଭିଯୁକ୍ତଙ୍କୁ ଗିରଫ କରାଯିବାକୁ ମୋର୍ଚ୍ଚା ଦାବି କରିଛି। ସୁପ୍ରିମକୋର୍ଟଙ୍କ ତଦାରଖରେ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରି ସମ୍ପୂର୍ଣ୍ଣ ମାମଲାର ତଦନ୍ତ କରାଯିବାକୁ ମଧ୍ୟ ଦାବି ହୋଇଛି।




ସଂଯୁକ୍ତ କିଷାନ ମୋର୍ଚ୍ଚା ପୁରୀ ଜିଲା ଶାଖା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

# ସମୁଦ୍ରପଥରେ ଡ୍ରଗ୍ସ ଚାଲାଣ ଆଶଙ୍କା ବଢୁଛି

## ପୋଲିସ କହିଲା ସତର୍କ ଦୃଷ୍ଟି ରଖିଛୁ

ପୁରୀ ଅଫିସ,୫।୧୦:

ମୁମ୍ବାଇ କ୍ରୁଜ୍ ଡ୍ରଗ୍ସ ମାମଲାରେ ଓଡ଼ିଶାର ଲିଙ୍କ୍ ପ୍ରସଙ୍ଗ ସାମ୍ନାକୁ ଆସିବା ସହ ସୁନ୍ଦରଗଡ଼ର ଦୁଇଜଣ ଗିରଫ ହେବା ପରେ ସମୁଦ୍ର ତଟବର୍ତ୍ତୀ ପୁରୀ ସହର ଉପରେ ସମସ୍ତଙ୍କ ନଜର ପଡ଼ିଛି। ପୁରୀକୁ ଦେଶ ବିଦେଶର ଲୋକେ ଆସୁଥିବାବେଳେ କେବଳ ଯାଞ୍ଚ ପ୍ରକ୍ରିୟା ସମୟରେ ବା ସୁରକ୍ଷା ବ୍ୟବସ୍ଥା ଦୃଷ୍ଟିକୋଣରୁ ବେଳାଭୂମିରେ ପୋଲିସ ମୁତୟନ କରାଯାଇଥାଏ। ଅନ୍ୟ ସମୟରେ ବେଳାଭୂମି ପ୍ରାୟତଃ ମୁକୁଳା ପଡ଼ିଥାଏ। ତେଣୁ ଏହାର ସୁଯୋଗ ନେଇ ନିଶା ବେପାରୀ ସମୁଦ୍ର ପଥ ଦେଇ ପୁରୀରେ ପ୍ରବେଶ କରିବାର ଆଶଙ୍କା ରହିଛି। ପୁରୀ ସହରରେ ବ୍ରାଉନସୁଗାର ଓ ଗଞ୍ଜେଇ କାରବାର ବଢ଼ି ଚାଲିଥିବାବେଳେ ବେଳାଭୂମିକୁ ଲାଗିରହିଥିବା ପେଣ୍ଠକଟା ଅଞ୍ଚଳରେ ମଧ୍ୟ ନିଶା କାରବାର ନେଇ ପୂର୍ବରୁ ଅଭିଯୋଗ ରହିଛି। ପଶ୍ଚିମବଙ୍ଗରୁ ସଡ଼କ ପଥ ଦେଇ ବାଲେଶ୍ୱର ଜିଲାର ଜଳେଶ୍ୱର ଏବଂ ସେଠାରୁ ପୁରୀକୁ ବ୍ରାଉନସୁଗାର ଚାଲାଣ ହେଉଥିବା ଜଣାପଡ଼ିଛି। ତେବେ ସମୁଦ୍ରପଥରେ ବ୍ରାଉନସୁଗାର କିମ୍ବା ଡ୍ରଗ୍ସ ଆସୁଥାଇପାରେ ବୋଲି ଏବେ ଆଶଙ୍କା ସୃଷ୍ଟି ହେଲାଣି, ଯାହାକି ପୁରୀବାସୀଙ୍କୁ ଚିନ୍ତାରେ ପକାଇଛି।

ପୁରୀର କେତେକ ସ୍ଥାନରେ ଗଞ୍ଜେଇ, ମଦ ଓ ବ୍ରାଉନସୁଗାର କାରବାର ହେଉଛି। ତେଣୁ ଏଠାକୁ ଡ୍ରଗ୍ସ ବି ଆସୁଥାଇପାରେ ବୋଲି କେତେଜଣ ବ୍ୟକ୍ତି ଆଶଙ୍କା ପ୍ରକାଶ କରିଛନ୍ତି। ସତ୍ୟବ୍ରତ ପରିଡ଼ା କହିଛନ୍ତି, ପୁରୀରେ ବ୍ରାଉନସୁଗାର ଓ ଅନ୍ୟ ନିଶା କାରବାର ବନ୍ଦ କରିବା ପାଇଁ ପୋଲିସ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବା ଦରକାର। ତୃଣମୂଳ ସ୍ତରକୁ ଯାଇ ପୋଲିସ ତଦନ୍ତ କଲେ ଏହାର ଉତ୍ସ ସମ୍ପର୍କରେ ଜଣାପଡ଼ିବ। ଅନ୍ୟପକ୍ଷରେ ଗତ ମାସରେ ପୁରୀକୁ ୬ଜଣ ଯୁବକ ବ୍ରାଉନସୁଗାର ଧରି ଆସିଥିଲେ ଓ ବିକ୍ରି ପରେ ଚାଲିଯାଇଥିଲେ। ତେବେ ସେମାନେ କେଉଁ ରାସ୍ତା ଦେଇ ଆସିଲେ ଓ ଗଲେ ସେ ବିଷୟରେ କାହାକୁ ଜଣାନାହିଁ ବୋଲି ସାଧାରଣରେ ଆଲୋଚନା ଶୁଣିବାକୁ ମିଳୁଛି। ତେଣୁ ଏସବୁ ଦୃଷ୍ଟିରୁ ସମୁଦ୍ର ପଥ ଉପରେ ପୋଲିସ ସତର୍କ ଦୃଷ୍ଟି ରଖିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏ ନେଇ ପୁରୀ ସିଟିଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ କହିଛନ୍ତି, ଜଳପଥ ବା ସମୁଦ୍ରପଥ ଉପରେ ପୋଲିସ କଡ଼ା ନଜର ରଖିଛି। କୌଣସି ନିଶା ବେପାରୀ ଯେଭଳି ଜଳପଥକୁ ମାଧ୍ୟମ ଭାବେ ବ୍ୟବହାର ନ କରିବେ ସେନେଇ ଆମେ ସତର୍କ ଦୃଷ୍ଟି ରଖିଛୁ। ତେବେ ଏଯାବତ୍ ଏଭଳି କୌଣସି ମାମଲା ସାମ୍ନାକୁ ଆସିନାହିଁ ବୋଲି କହିଛନ୍ତି।

